# ଅଲିଭ ରିଡ଼ଲେଙ୍କ ଅପେକ୍ଷାରେ ବାହୁଦା ମୁହାଣ

ବ୍ରହ୍ମପୁର ଅଫିସ,୧।୧

ଗଞ୍ଜାମ ଉପକୂଳକୁ ପ୍ରତିବର୍ଷ ଲକ୍ଷାଧିକ ଅଲିଭ ରିଡଲେ ଅଣ୍ଡାଦେବା ପାଇଁ ଆସିଥାନ୍ତି। ଏଥିପାଇଁ ଗଞ୍ଜାମର ଋଷିକୁଲ୍ୟା ମୁହାଣ କେବଳ ଓଡିଶା ନୁହେଁ, ଭାରତ ମାନଚିତ୍ରରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ୩ ମାସ ମଧ୍ୟରେ ଉକ୍ତ ଅଣ୍ଡାରୁ ଛୁଆ ବାହାରି ପୁଣି ସମୁଦ୍ର ମଧ୍ୟକୁ ଚାଲିଯାଆନ୍ତି। ବହୁ ବର୍ଷ ପୂର୍ବରୁ ବାହୁଦା ମୁହାଣକୁ ମଧ୍ୟ ଅଲିଭ ରିଡ୍‌ଲେ ଅଣ୍ଡାଦାନ ପାଇଁ ଆସୁଥିଲେ। କାଳକ୍ରମେ ବିଭିନ୍ନ କାରଣରୁ ଏହା ବନ୍ଦ ହୋଇଯାଇଥିଲା। ଏବେ ବାହୁଦା ମୁହାଣ ପୁଣି ଅଲିଭ ରିଡଲେଙ୍କ ଗଣଅଣ୍ଡାଦାନ ପାଇଁ ନୂଆ ଠିକଣା ହୋଇଛି। ଋଷିକୁଲ୍ୟା ମୁହାଣରୁ ବାହୁଦା ମୁହାଣ ପ୍ରାୟ ୨୦ କି.ମି. ଦୂର। ବାହୁଦା ମୁହାଣରେ ୨୦୧୭ରେ କଇଁଛ ଗଣଅଣ୍ଡାଦାନ କରିଥିଲେ। ଏଥିପାଇଁ ସେ ସମୟରେ ବନ ବିଭାଗ ଅଧିକାରୀ ଓ ସ୍ଥାନୀୟ ଅଞ୍ଚଳରେ ଉତ୍ସାହ ଦେଖାଦେଇଥିଲା। ସେମାନଙ୍କ ସୁରକ୍ଷା ପାଇଁ ନାନା ପଦକ୍ଷେପ ନିଆଯାଇଥିଲା। ଏବେ ସମୁଦ୍ରରେ କଇଁଛଙ୍କ ମିଳନ ପ୍ରକ୍ରିୟା ଚାଲିଛି। ବାହୁଦା ମୁହାଣକୁ କଇଁଛ ଗଣ ଅଣ୍ଡାଦାନ ପାଇଁ ଆସିବା ସମ୍ଭାବନା ଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି। ସେମାନଙ୍କ ସୁରକ୍ଷା ଏବଂ ଅନୁକୂଳ ପରିବେଶ ସୃଷ୍ଟି କରିବା ପାଇଁ ଯୋଜନା ପ୍ରସ୍ତୁତ ଚାଲିଛି।

ବାହୁଦା ମୁହାଣର ସୋନପୁରରୁ ଅନନ୍ତରାୟପୁର ପ୍ରାୟ ୩ କି.ମି. ଯାଏ ସମୁଦ୍ର ଉପକୂଳ ଅଞ୍ଚଳକୁ ଅଣ୍ଡାଦାନ ସ୍ଥାନ ଭାବେ ବନ ବିଭାଗ ପକ୍ଷରୁ ଚିହ୍ନଟ କରାଯାଇଛି। ମୁହାଣ ଅଞ୍ଚଳରେ ପଡିଥିବା ଆବର୍ଜନା, ପ୍ଲାଷ୍ଟିକ ଓ ପଲିଥିନକୁ ସଫା କରାଯାଇଛି। ଫେବୃୟାରୀ ଦ୍ୱିତୀୟ ସପ୍ତାହଠାରୁ ମାର୍ଚ୍ଚ ମଧ୍ୟରେ କଇଁଛ ଗଣ ଅଣ୍ଡାଦାନ କରିବାକୁ ଆସିବେ ବୋଲି ବନ ବିଭାଗ ଆଶା ରଖିଛି। ଏହାପୂର୍ବରୁ ପୁଣି ଥରେ ମୁହାଣ ଅଞ୍ଚଳରେ ସଫେଇ କରାଯିବ ବୋଲି ସୂଚନା ମିଳିଛି। ସେହିପରି ମୁହାଣର ୨କି.ମି. ଅଞ୍ଚଳ ପର୍ଯ୍ୟନ୍ତ ତାର ଜାଲି ଲଗାଯିବ। ଫଳରେ ଅଣ୍ଡା ଓ ସେଥିରୁ ବାହାରିବାକୁ ଥିବା ଛୁଆଗୁଡିକ ସୁରକ୍ଷିତ ରହିପାରିବେ। ଆଖପାଖ ଅଞ୍ଚଳରେ ମତ୍ସ୍ୟଜୀବୀମାନେ ମାଛ ଧରିବା ପାଇଁ ପ୍ଲାଷ୍ଟିକ ଜାଲ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଛି। ପିକ୍‌ନିକ୍ କରିବାକୁ ଆସୁଥିବା



ଅଲିଭ ରିଡଲେଙ୍କ ମିଳନ।

■ ସୁରକ୍ଷିତ ଗଣ ଅଣ୍ଡାଦାନ ପାଇଁ ଯୋଜନା ପ୍ରସ୍ତୁତ

■ ମୁହାଣ ଅଞ୍ଚଳ ହୋଇଛି ପ୍ଲାଷ୍ଟିକ ଆବର୍ଜନାମୁକ୍ତ

ଲୋକେ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ପରାମର୍ଶ ଦିଆଯାଉଛି। ଗତ ୨୦୦୦ ମସିହାରୁ ଅଲିଭ ରିଡ୍‌ଲେ ଅଣ୍ଡାଦାନକୁ ସୁରକ୍ଷିତ କରିବା ଲାଗି ବନ ବିଭାଗ ପଦକ୍ଷେପ ନେଇ ଆସୁଛି । ୨୦୧୮-୧୯ରେ ଗଣ ଅଣ୍ଡାଦାନ ହୋଇ ନ ଥିଲା। ୨୦୧୯-୨୦ରେ ମୁହାଣ ଅଞ୍ଚଳରେ ଅଲିଭ ରିଡ଼ଲେ ୩ଲକ୍ଷ ୨୩ ହଜାର ୬୨ ଅଣ୍ଡାଦାନ କରିଥିଲେ ବୋଲି ବ୍ରହ୍ମପୁର ବନଖଣ୍ଡ ଅଧିକାରୀ (ଡିଏଫଓ) ଅମ୍ଲାନ କୁମାର ନାୟକ କହିଛନ୍ତି। ଚଳିତବର୍ଷ ପାଗ ଅନୁକୂଳ ରହିଥିବାରୁ ଅଲିଭ ରିଡ଼ଲେ ମାନେ ଅଧିକ ସଂଖ୍ୟାରେ ଅଣ୍ଡାଦାନ କରିବେ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷରେ ଗତ ପ୍ରାୟ ୨ମାସ ମଧ୍ୟରେ ଗଞ୍ଜାମ ଉପକୂଳରୁ ୩୦ ଅଲିଭ ରିଡ଼ଲେଙ୍କ ମୃତଦେହ ଉଦ୍ଧାର ହୋଇଛି। ଆନ୍ଧ୍ର ଟ୍ରଲର ଚଳାଚଳକୁ ରୋକିବା ଲାଗି ବନ ବିଭାଗ, ପୋଲିସ ପକ୍ଷରୁ ମିଳିତ ପାଟ୍ରୋଲିଂକୁ କଡାକଡି କରାଯାଇଥିବା ଡିଏଫଓ ସୂଚନା ଦେଇଛନ୍ତି।

## ସଂକ୍ଷେପରେ

### ବାରିପଦା ମଣ୍ଡଳ କାରାଗାର ଅନ୍ତେବାସୀଙ୍କ ମୃତ୍ୟୁ

ବାରିପଦା ଅଫିସ,୧।୧-ମୟୂରଭଞ୍ଜ ଜିଲା ବାରିପଦା ମଣ୍ଡଳ କାରାଗାରର ଜଣେ ଅନ୍ତେବାସୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶରତ ଥାନା ଅନ୍ତର୍ଗତ ବନ୍ଧସାହି ନୋଟା ଗ୍ରାମର ନରେନ୍ଦ୍ର ମହାକୁଡ(୫୮)। ଗତ ଫେବୃଆରୀ ୧୪ରୁ ଦଣ୍ଡାଦେଶ ପରେ ସେ ଉଦଳା ଜେଲରେ ଥିଲେ। ସେଠାରୁ ମାର୍ଚ୍ଚ ୫ରେ ବାରିପଦା ମଣ୍ଡଳ କାରାଗାରକୁ ଆସିଥିଲେ। ଅସୁସ୍ଥ ଥିବାରୁ ସେ ବାରିପଦା ପିଆର୍‌ଏମ୍ ମେଡିକାଲରେ ଗତ ୨୭ତାରିଖରୁ ଚିକିତ୍ସିତ ହେଉଥିଲେ। ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ଟାଉନ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧୯୭/୨୦) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପୁଅ ମନ୍ତ୍ରୀ ମହାକୁଡ଼ଙ୍କୁ ହସ୍ତାନ୍ତର କରିଛି।

### ନିଆଁରେ ପୋଡ଼ି ଗୁରୁତର ନାବାଳିକାଙ୍କ ମୃତ୍ୟୁ

ଭଣ୍ଡାରିପୋଖରୀ,୧।୧ (ଡି.ଏନ.ଏ)- ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ଼ ଫାଣ୍ଡି ଅଧୀନ ସାତସୋଲା ଗ୍ରାମରେ ଭଡ଼ାରେ ରହୁଥିବା ସ୍ୱସ୍ତିକା ନାୟକ ନାମ୍ନୀ ଜଣେ ନାବାଳିକା ଗୁରୁବାର ମଧ୍ୟାହ୍ନରେ ନିଆଁରେ ପୋଡ଼ି ହୋଇ ଗୁରୁତର ହୋଇଥିଲେ। କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ତାଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ପ୍ରକାଶ ଯେ, ନାବାଳିକା ଜଣଙ୍କ ଘରେ ଏକୁଟିଆ ଥିବାବେଳେ ତାଙ୍କ ଦେହରେ ନିଆଁ ଲାଗି ଯାଇଥିବା ପଡ଼ୋଶୀ ଦେଖିଥିଲେ। ସେମାନେ ଗୁରୁତର ଅବସ୍ଥାରେ ତାଙ୍କୁ ମଞ୍ଜୁରୀରୋଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ପ୍ରଥମେ ଭଦ୍ରକ ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା।

### ମାଛ ଧରିବାକୁ ଯାଇ ଯୁବକ ମୃତ

ଖଇରା, ୧।୧(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ବାଙ୍କିଡିରା ଗ୍ରାମର ଭଗବାନ ମଲ୍ଲିକ (୪୦) ନିକଟସ୍ଥ ପୋଖରୀକୁ ମାଛ ଧରିବାକୁ ଯାଇ ପ୍ରାଣ ହରାଇଛନ୍ତି। ଖଇରା ପୋଲିସ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୧) ରୁଜୁ କରିଛି। ଶୁକ୍ରବାର ଭଗବାନ ମାଛ ଧରିବାକୁ ଯାଇ ଆଉ ଫେରି ନ ଥିଲେ। ଖଇରା ଦମକଳ କେନ୍ଦ୍ରର କର୍ମଚାରୀମାନେ ୫ ଘଣ୍ଟାର ଆକ୍ରାନ୍ତ ପରିଶ୍ରମ ପରେ ଅପରାହ୍ନରେ ମୃତଦେହକୁ ଜବତ କରିଥିଲେ।

### ବ୍ୟାପକ ଫସଲ ନଷ୍ଟ କଲେ ହାତୀପଲ

ଗୋପାଳପୁର,୧।୧- ଲଖାରି ଜଙ୍ଗଲ ଦକ୍ଷିଣ ଘୁମୁସର ଡିଭିଜନରୁ ହାତୀ ପଲ ଆସି ରଙ୍ଗେଇଲୁଣ୍ଡା ଓ ଚିକିଟି ବ୍ଲକର ବିଭିନ୍ନ ଗ୍ରାମରେ ପ୍ରାୟ ୧୫ ଦିନ ହେଲାଣି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଗୁରୁବାର ରାତିରେ ଗୋଳନ୍ଥରା ଥାନା ରାଧାମୋହନପୁର, କିଶୋରଚନ୍ଦ୍ରପୁର ଓ ପନାଡ଼ ଗ୍ରାମରେ ଧାନଗଦା, ବିଭିନ୍ନ ପ୍ରକାର ପନିପରିବା ଦଳି ଚକଟି ନଷ୍ଟ କରିଛନ୍ତି। କିଶୋରଚନ୍ଦ୍ରପୁର ଗ୍ରାମର ମୁରଲୀ ପ୍ରଧାନ, ଗଙ୍ଗା ପ୍ରଧାନ ଏବଂ ପନାଡ଼ ଗ୍ରାମର ଜନୈକ ବ୍ୟକ୍ତିଙ୍କ ଧାନଗଦା, ଛତୁ ସମେତ ବାଇଗଣ ଓ ଟମାଟୋ ଆଦି ପନିପରିବା ଫସଲ ନଷ୍ଟ କରିଛନ୍ତି। ଶୁକ୍ରବାର ସକାଳେ ରାଧାମୋହନପୁର ଗ୍ରାମ ନିକଟ ପାହାଡ଼ରେ ହାତୀ ପଲ ରହିଛନ୍ତି। ଯେଉଁ ବାଟ ଦେଇ ହାତୀପଲ ଆସିଛନ୍ତି ସେହି ବାଟରେ ଘଉଡ଼ାଯାଉଛି ବୋଲି ଚିକିଟି ଫରେଷ୍ଟର ସନ୍ଧ୍ୟାରାଣୀ ଦଳବେହେରା କହିଛନ୍ତି।

### କୃଷକଙ୍କ ଶପଥପାଠ

ଆସିକା,୧।୧(ଡି.ଏନ୍.ଏ)- ନୂତନ କୃଷି ଆଇନର ପ୍ରତ୍ୟାହାର ଦାବିରେ ଚାଲିଥିବା ଆନ୍ଦୋଳନକୁ ସମର୍ଥ ଜଣାଇ ଶୁକ୍ରବାର ଆସିକା ସହର ଉପକଣ୍ଠ କାଳଷଣ୍ଡପୁରସ୍ଥିତ ହରିହରଦାସ ଛକଠାରେ କୃଷକମାନେ ଶପଥପାଠ କରିଥିଲେ। ସରକାର ଏହି ଆଇନର ପ୍ରତ୍ୟାହାର ନ କଲେ କୃଷକ ଆନ୍ଦୋଳନ ସହ ସାମିଲ ରହିବା ପାଇଁ ଶପଥପାଠ କରିଥିଲେ । ବିଜୟ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦେଶୀ ନାହାକ, ନାରାୟଣ ଜେନା, ରାଜେନ୍ଦ୍ର ଦାସ, ପ୍ରଫୁଲ୍ଲ ନାହାକ, ହାଡୁବନ୍ଧୁ ସ୍ୱାଇଁଙ୍କ ପ୍ରମୁଖ କୃଷକ ସାମିଲ ଥିଲେ । ସେହିଭଳି ଅଖିଳ ଭାରତ କ୍ରାନ୍ତିକାରୀ କୃଷକ ସଭା ପକ୍ଷରୁ ଆସିକା ବ୍ଲକ କମିଟି ସଭାପତି ବୃନ୍ଦାବନ ବାରିକଙ୍କ ନେତୃତ୍ୱରେ ସ୍ଥାନୀୟ ବ୍ଲକର ଜୟପୁର ଗ୍ରାମଠାରେ ଅନୁଷ୍ଠିତ ସଭାରେ କୃଷକ, କୃଷି ଶ୍ରମିକ ଓ ଭାଗଚାଷିମାନେ ଶପଥପାଠ କରିଥିଲେ। ସଭା ରାଜ୍ୟ ସମ୍ପାଦକ ଶଙ୍କର ସାହୁ ଓ ସିପିଆଇ ଏମ-ଏଲ ରେଡଷ୍ଟାର ରାଜ୍ୟ ସମ୍ପାଦକ ଶିବରାମ କାର୍ଯ୍ୟକ୍ରମରେ ସାମିଲ ଥିଲେ ।

# ଅନ୍‌ଲାଇନରେ ମା'ଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁ

କେନ୍ଦୁଝର,୧।୧(ସ୍ୱ.ପ୍ର.)

ପ୍ରତ୍ୟେକ ବର୍ଷ ଆରମ୍ଭରେ ମା' ତାରିଣୀ ପୀଠରେ ଭକ୍ତଙ୍କ ଭିଡ଼ ଜମେ। ଦୂରଦୂରାନ୍ତରୁ ଭକ୍ତମାନେ ଆସି ମା'ଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରି ନବବର୍ଷ କିପରି ଭଲରେ କଟିବ ଓ ସମସ୍ତଙ୍କର ମଙ୍ଗଳ ହେବ ସେ ଆଶିଷ ନେଇ ଫେରିଥାନ୍ତି। ଚଳିତବର୍ଷ କୋଭିଡ୍ କଟକଣା ପାଇଁ ମନ୍ଦିର ବନ୍ଦ ରହିଥିଲା। ତେବେ ମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଲାଗି ଅନ୍‌ଲାଇନ ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ବହୁ ଆଶାରେ ଆସିଥିବା ଭକ୍ତମାନେ ମୁଖଶାଳା ନିକଟରେ ମା'ଙ୍କୁ ଅନଲାଇନରେ ଏବଂ ସୋସିଆଲ ମିଡିଆରେ ଲାଇଭ ଦର୍ଶନ କରିଛନ୍ତି। ଏଥିପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ୧୨ ଫୁଟରେ ୮ ଫୁଟର ଏଲ୍‌ଇଡି ଲଗାଇବା ସହ ସୋସିଆଲ ମିଡିଆରେ ଦର୍ଶନ ବ୍ୟବସ୍ଥା କରାଯାଇଥିଲା ବୋଲି ମା' ତାରିଣୀ ଟ୍ରଷ୍ଟର ସଭାପତି ରାଜେନ୍ଦ୍ର ପଟ୍ଟନାୟକ କହିଛନ୍ତି।

ମା' ଙ୍କ ପାଖରେ ପାରମ୍ପାରିକ ପୂଜାନୀତି ଅନୁଷ୍ଠିତ ହୋଇଥିଲା। କେବଳ ପୂଜକମାନଙ୍କୁ ଅନୁମତି ମିଳିଥିଲା। ଭକ୍ତମାନେ ସକାଳ ଆଳତିର ଲାଇଭ୍ ଦର୍ଶନ କରିବା ସହ ପୂଜାର୍ଚ୍ଚନା ଏଲ୍‌ଇଡି ସ୍କ୍ରିନରେ ଦେଖିବାର ସୁଯୋଗ ପାଇଥିଲେ। ୯ ମାସ ପରେ ଭକ୍ତମାନେ ମା'ଙ୍କ ଦର୍ଶନ କରିବାକୁ ସୁଯୋଗ ପାଇ ଖୁସି ବ୍ୟକ୍ତ କରିଥିଲେ। ରାଜ୍ୟର ଅନେକ ସ୍ଥାନରେ କୋଭିଡ୍ କଟକଣା ମଧ୍ୟରେ ମନ୍ଦିର ଖୋଲିବାକୁ ଅନୁମତି ଦିଆଯାଇଥିବା ବେଳେ ତାରିଣୀ ମନ୍ଦିରରେ ଅନୁମତି ନ ମିଳିବା ନେଇ ଅନେକେ ଦୁଃଖ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଆଶିଷ ଠାକରେ କହିଛନ୍ତି ଯେ, ଏହି ମନ୍ଦିରର ମରାମତି କାମ ଚାଲିଛି। ଏଣୁ ମନ୍ଦିର ଖୋଲିବା ଓ ମା'ଙ୍କ ଦର୍ଶନ ପାଇଁ କୌଣସି ନିଷ୍ପତ୍ତି ହୋଇନାହିଁ। କୋଭିଡ୍ ଆଇନ ଅନୁସାରେ ସମସ୍ତ ବ୍ୟବସ୍ଥା ମନ୍ଦିର ପ୍ରଶାସନ ପକ୍ଷରୁ କରାଯିବା ପରେ ଖୋଲିବା ପାଇଁ ନିଷ୍ପତ୍ତି ନିଆଯିବ।



ତାରିଣୀ ମନ୍ଦିର ଫାଟକ ବନ୍ଦ।

■ ତାରିଣୀ ମନ୍ଦିର ବନ୍ଦ, ଭକ୍ତ ନିରାଶ

■ ସୋସିଆଲ ମିଡିଆରେ ଲାଇଭ୍ ଦର୍ଶନ

## ଗ୍ୟାସ୍ କର୍ମଚାରୀଙ୍କୁ ଆକ୍ରମଣ କରି ୧. ୩୧ଲକ୍ଷ ଲୁଟ୍

ସୋର, ୧।୧(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ସୋର ବ୍ଲକ ଅଧୀନ ମୁଳିସିଂ ରାସ୍ତା ଲେଭଲକ୍ରସିଂ ନିକଟରେ ଗୁରୁବାର ରାତିରେ ୩ଜଣ ଗ୍ୟାସ୍ କର୍ମଚାରୀ ଗୋଦାମରେ ଗାଡ଼ି ରଖି ଫେରୁଥିବା ବେଳେ ବିଲ ମଝିରେ ଛକି ବସିଥିବା ୫ରୁ ୬ଜଣ ଦୁର୍ବୃତ୍ତ ମାରଣାସ୍ତ୍ରରେ ଆକ୍ରମଣ କରି ୧ଲକ୍ଷ ୩୧ହଜାର ୧୬୦ଟଙ୍କା ଲୁଟି ନେଇଛନ୍ତି। ଏନେଇ ସୋର ଥାନାରେ ଅଭିଯୋଗ ହୋଇଛି। ଏକ ଗ୍ୟାସ ଏଜେନ୍ସିରେ କାମ କରୁଥିବା ନୂଆଗାଁର ଗୋପାଳ ଜେନା, ଭୋଳାନାଥ ଜେନା, ପ୍ରମୋଦ ଜେନା ରାତି ୯ଟା ବେଳେ ବିଭିନ୍ନ ଆଡୁ ଗ୍ୟାସ୍ ଦେଇ ଟଙ୍କା ନେଇ ଫେରୁଥିଲେ। ସେମାନେ ମୁଳିସିଂ ଛକରେ ଥିବା ଗ୍ୟାସ୍ ଗୋଦାମରେ ଗାଡ଼ି ରଖି ଆଦାୟ ଟଙ୍କାକୁ ସାଙ୍ଗରେ ନେଇଯାଉଥିବା ବେଳେ ମୁଳିସିଂ ଲେଭଲକ୍ରସିଂଠାରେ ଦୁର୍ବୃତ୍ତମାନେ ଭୁଜାଲି, ଖଣ୍ଡା, ରଡ଼ ଧରି ସେମାନଙ୍କର ମିଳିତ ଭାବେ ଆକ୍ରମଣ କରି ତଳେ ପକାଇଥିଲେ। ସେମାନଙ୍କଠାରୁ ଟଙ୍କା ବ୍ୟାଗ୍ ଛଡ଼ାଇ ନେଇଯାଇଥିଲେ। ସେମାନେ ଶୁକ୍ରବାର ସୋର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା (ନଂ.୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଦୁର୍ଘଟଣାରେ ଗାଡ଼ି ଚାଳକଙ୍କ ମୃତ୍ୟୁ

କେନ୍ଦୁଝର,୧।୧(ସ୍ୱ.ପ୍ର)

କେନ୍ଦୁଝର ସଦର ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ତେନ୍ତୁଳି ନିକଟରେ ଶୁକ୍ରବାର ଟ୍ରକ୍ ଧକ୍କାରେ ଜଣେ ଡ୍ରାଇଭରଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ କାଞ୍ଜିପାଣି ଥାନା ତାଳପଡ଼ା ଗ୍ରାମର ବାଙ୍କୁଲି ବେହେରାଙ୍କ ପୁଅ ଦୋଳ। ତେନ୍ତୁଳି ନିକଟରେ ସେ ଟ୍ରକ ରଖି ରାସ୍ତାକଡ଼ରେ ଛିଡ଼ା ହୋଇଥିବା ବେଳେ ଅନ୍ୟ ଏକ ଟ୍ରକ ଆସି ତାଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଖଣ୍ଡାରେ ହାଣି ଯୁବକଙ୍କୁ ହତ୍ୟା

ବ୍ରହ୍ମପୁର ଅଫିସ,୧।୧

ଗଞ୍ଜାମ ଜିଲା ବ୍ରହ୍ମପୁର ସଦର ଥାନା ଅନ୍ତର୍ଗତ ମସିହାଖାଲି ଗ୍ରାମରେ ଗୁରୁବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା କରାଯାଇଛି। ମୃତକ ଜଣକ ଉକ୍ତ ଗ୍ରାମର କୈଳାସ ଦାସ (୨୮)। ମୃତଦେହକୁ ପୋଲିସ ଜବତ କରିଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଏନେଇ ନଂ.୧/୨୧ରେ ଏକ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିବା ସଦର ଏସ୍‌ଡିପିଓ ଜୟନ୍ତ କୁମାର ମହାପାତ୍ର ସୂଚନା ଦେଇଛନ୍ତି।

ମସିହାଖାଲି ବାଉରୀସାହିର କୈଳାସ ରାଜମିସ୍ତ୍ରି କାମ କରୁଥିଲେ। ବୃଦ୍ଧା ମା'ଙ୍କ ସହିତ ସେ ରହୁଥିଲେ। ଗୁରୁବାର ଜିରୋନାଇଟରେ ଭୋଜି କରିବା ପାଇଁ କୈଳାସ ସାଙ୍ଗ ଘରକୁ ଯାଇ ବିଳମ୍ବିତ ରାତି ପର୍ଯ୍ୟନ୍ତ ଫେରି ନ ଥିଲେ। ଶୁକ୍ରବାର ଭୋର୍‌ରେ କେତେଜଣ ଲୋକ ଗାଁ ମୁଣ୍ଡରେ ବଡ଼ବନ୍ଧକୁ ଶୌଚ ପାଇଁ ଯାଇଥିବା ବେଳେ ସେଠାରେ କୈଳାସ ରକ୍ତ ଜୁଡୁବୁଡୁ ହୋଇ ପଡ଼ିଥିବା ଦେଖିବାକୁ ପାଇଥିଲେ। ତାଙ୍କ ମୁଣ୍ଡ ଓ ଶରୀରର ବିଭିନ୍ନ ସ୍ଥାନରେ କଟାଚିହ୍ନ ରହିଥିଲା। ଗାଁ ଲୋକେ ଏହା ଜାଣିବା ପରେ ତାଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅପରାହ୍ନରେ କୈଳାସଙ୍କ ମୃତ୍ୟୁ ଘଟିଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ରକ୍ତ ନମୁନା ସଂଗ୍ରହ କରିବା ସହିତ ତଦନ୍ତ ଜାରି ରଖିଛି। କୈଳାସ ଯେଉଁମାନଙ୍କ ସହିତ ଭୋଜି କରିବା ପାଇଁ ଯାଇଥିଲେ ସେମାନଙ୍କୁ ଜେରା ପରେ ଘଟଣା ସ୍ପଷ୍ଟ ହେବ ବୋଲି ଏସ୍‌ଡିପିଓ କହିଛନ୍ତି।

## ମିନି ମାରାଥନରେ ଏକତା, ଭାଇଚାରା ବାର୍ତ୍ତା



ମାରାଥନରେ ଅଂଶଗ୍ରହଣ କରିଥିବା ଯୁବ ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ର।

ବନ୍ତ,୧।୧(ଡି.ଏନ.ଏ.)

ଏକତା ଓ ଭାଇଚାରାର ବାର୍ତ୍ତା ନେଇ ଶୁକ୍ରବାର ଭଦ୍ରକ ଜିଲା ବନ୍ତଠାରେ ମିନି ମାରାଥନ ଅନୁଷ୍ଠିତ ହୋଇଯାଇଛି। ବନ୍ତ ମହୋତ୍ସବ କମିଟି ଆନୁକୂଲ୍ୟରେ ସାମାଜିକ କର୍ମୀ ଇଂ. ଲକି ମାଷ୍ଟର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ମାରାଥନ ହୋଇଥିଲା। ଭୁବନେଶ୍ୱରସ୍ଥିତ ଗୀତା ଇଞ୍ଜିନିୟରିଂ କଲେଜ ଅଧ୍ୟକ୍ଷ ଡ.ମନ୍ମଥ କୁମାର ରାଉଳ ଓ ଡା. ମୁରଲୀଧର ସୂତାର ଅତିଥି ଭାବେ ଯୋଗଦେଇ ମାରାଥନର ଶୁଭାରମ୍ଭ କରିଥିଲେ। ଗିଲୋ କେନାଲ ଛକଠାରୁ ଶ୍ରୀବନ୍ତପୁର ତାରିଣୀ ମନ୍ଦିର ପର୍ଯ୍ୟନ୍ତ ଅଢ଼େଇ କି.ମି. ରାସ୍ତା ମାରାଥନ ହୋଇଥିବା ବେଳେ ଯୁବ ଛାତ୍ରମାନେ ନବବର୍ଷର ଶୁଭେଚ୍ଛା ସହ ଏକତା ଓ ଭାଇଚାରାର ସ୍ଲୋଗାନ ଦେଇଥିଲେ। ରମାକାନ୍ତ ପାଣିଗ୍ରାହୀ, ସୁବାସ ଦାସ, ପରମେଶ୍ୱର ବାରିକ, ସଞ୍ଜୟ ମଜୁମଦାର, ବିପିନ ନାୟକ, କାହ୍ନା ନାୟକ, ଜ୍ୟୋତି ରଞ୍ଜନ ନାୟକ, ଏଲ୍.ଅମରଜିତ୍ ସ୍ୱାଇଁ, ସୁଧାଂଶୁ ନାୟକ, ମାର୍କଣ୍ଡ ବେହେରା, ଭବେନ୍ଦ୍ର ସାହୁଙ୍କ ସମେତ ବନ୍ତ ଅଞ୍ଚଳର ଶତାଧିକ ଯୁବ ସ୍ୱେଚ୍ଛାସେବୀ ଓ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ବର୍ଷ ଏହି ମାରାଥନ୍ ବିଶାଳ ରୂପରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଖଳାରେ ପଶି ଧାନ ଖାଇଗଲେ ହାତୀପଲ



ହାତୀପଲ ନଷ୍ଟ କରିଥିବା ଧାନ।

ତେଲକୋଇ,୧।୧(ଡି.ଏନ୍.ଏ.)

କେନ୍ଦୁଝର ଜିଲା ତେଲକୋଇ ବନାଞ୍ଚଳ ଅଧୀନ ଛାମୁଣ୍ଡା ପଞ୍ଚାୟତର ଗୋଳାବନ୍ଧ ଗ୍ରାମରେ ହାତୀ ଉପଦ୍ରବ ଦେଖାଦେଇଛି। ଗୁରୁବାର ବିଳମ୍ବିତ ରାତିରେ ୧୫ରୁ ଊର୍ଦ୍ଧ୍ୱ ହାତୀ ଚାଷୀ ହୀରାଲାଲ ସାହୁ ଓ ପୁରୁଷୋତ୍ତମ ସାହୁଙ୍କ ଖଳାରେ ପଶି ଅମଳ ହୋଇଥିବା ୧୦୦ରୁ ଅଧିକ ବସ୍ତା ଧାନ ଖାଇବା ସହ ଦଳି ଚକଟି ନଷ୍ଟ କରିଥିଲେ। ଚାଷୀ ଦ୍ୱୟ ବସ୍ତାରେ ଧାନ ଭର୍ତ୍ତିକରି ମଣ୍ଡିକୁ ନେବା ପାଇଁ ପ୍ରସ୍ତୁତି ଚଳାଇଥିବା ବେଳେ ହାତୀପଲ ତାହାକୁ ନଷ୍ଟ କରି ଦେଇଛନ୍ତି। ସେହିପରି ଗ୍ରାମର ସରୋଜ ସାହୁଙ୍କ ବଗିଚାରେ ପଶି ବ୍ୟାପକ ପନିପରିବା ଫସଲ ନଷ୍ଟ କରିଛନ୍ତି। ଏସଂକ୍ରାନ୍ତରେ ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ସେଠୀଙ୍କୁ ପଚାରିବାରୁ ତଦନ୍ତ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି କହିଛନ୍ତି।

# ଅଟୋ ସହ ଶମ୍ବର ମାଂସ ଜବତ, ଜଣେ ଗିରଫ

ଦିଗପହଣ୍ଡି,୧।୧(ଡି.ଏନ.ଏ.)

ଦିଗପହଣ୍ଡି ବନବିଭାଗ ପକ୍ଷରୁ ଶୁକ୍ରବାର ଏକ ଅଟୋରୁ ମୁଣ୍ଡ ବିହୀନ ଶମ୍ବରର ଛାଲ ସହ ୧୭୫ କେଜି ମାଂସ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ ଚିକିଟି ନିକଟ କେ. ନୂଆଗାଁର ଅଟୋ ମାଲିକ ବାଞ୍ଛାନିଧି ନାୟକ। ନୂଆପଡ଼ା ବନ ପାଳ ସନ୍ତୋଷ କୁମାର ମଲ୍ଲିକ, ବନରକ୍ଷୀ ତରୁଣେଶ୍ୱର ଶବରଙ୍କ ସମେତ ପାରା ବନ କର୍ମଚାରୀମାନେ ସକାଳେ ପାଟ୍ରୋଲିଂ କରୁଥିବା ବେଳେ ଦ୍ରୁତଗତିରେ ଯାଉଥିବା ଅଟୋକୁ ନୂଆପଡ଼ା କଲେଜ ଛକ ନିକଟରେ ଅଟକାଇ ଖାନ ତଲାସ କରିଥିଲେ। ସେଥିରେ ଥିବା ମୁଣ୍ଡବିହୀନ ୬ ଖଣ୍ଡ ଶମ୍ବର ମାଂସକୁ ଜବତ କରିବା ସହ ବାଞ୍ଛାନିଧିଙ୍କୁ ଧରି ଦିଗପହଣ୍ଡି ରେଞ୍ଜ କାର୍ଯ୍ୟାଳୟକୁ ନେଇ ଅଟକ ରଖିଛନ୍ତି। ଡେପୁଟି ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକ ପହଞ୍ଚି ସରଜମିନ ତଦନ୍ତ କରି ଫେରିଥିଲେ। ଏ ନେଇ ବନ ବିଭାଗ ଓ.ଆର୍ ମାମଲା ନଂ.୧/୨୦-୨୧ରେ ମାମଲା ରୁଜୁ କରାଯାଇଛି। ଜବତ ମାଂସ ଖଣ୍ଡ ଗୁଡ଼ିକୁ ପରୀକ୍ଷା ନିମନ୍ତେ ଦିଗପହଣ୍ଡି ପ୍ରାଣୀ ଚିକିତ୍ସା ବିଭାଗକୁ ପଠାଯାଇଛି। ରିପୋର୍ଟ ମିଳିବା ପରେ ସବିଶେଷ ତଦନ୍ତ କରାଯିବ ବୋଲି ଡେପୁଟି ରେଞ୍ଜର କହିଛନ୍ତି। ଅଭିଯୁକ୍ତ ଜଣକ କୌଣସି ଜଙ୍ଗଲ ପାର୍ଶ୍ୱବର୍ତ୍ତି ଗାଁରୁ ଶମ୍ବର ମାଂସ କିଣିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।



ଶମ୍ବର ମାଂସ ବୋଝେଇ ହୋଇଥିବା ଅଟୋ।

# ମୁରଲୀଙ୍କୁ ସ୍ୱାବଲମ୍ବୀ କରିଛି ଗୋପାଳନ

ଶେରଗଡ,୧।୧(ଡି.ଏନ୍.ଏ.)

ଶେରଗଡ ବ୍ଲକ ମହୁପଦର ପଞ୍ଚାୟତ ଆମ୍ବୁଆବାଡି ଗ୍ରାମର ମୁରଲୀ ସେଠୀ (୪୦)। ଗ୍ରାଜୁଏଟ୍ ପରେ ଚାକିରି ପଛରେ ନଧାଇଁ ଆତ୍ମ ନିର୍ଭରଶୀଳ ହେବାକୁ ୪ବର୍ଷ ତଳେ ଆରମ୍ଭ କରିଥିଲେ ଗୋପାଳନ। କେରିକେରିଖୋଲା ନିକଟରେ ଥିବା ତାଙ୍କର ୫ଏକର ଜମିରେ ଫାର୍ମ ହାଉସ୍ କରିଥିଲେ। ଆର୍ଥିକ ଅନଟନ ଯୋଗୁ ପ୍ରଥମେ ୩ଟି ଜର୍ସି ଗାଈ ଆଣି ରଖିଥିଲେ। ବର୍ତ୍ତମାନ ୮ଟି ଜର୍ସିଗାଈ ରଖି ପ୍ରତିଦିନ ପ୍ରାୟ ୬୦ ଲିଟର କ୍ଷୀର ମିଳୁଛି। ଗାଈ ମାନଙ୍କ ଯତ୍ନ ସେ ନିଜେ ନେଉଛନ୍ତି। ଏଥିରୁ ଭଲ ଦି ପଇସା ରୋଜଗାର ହେଉଥିବା ମୁରଲି କହିଛନ୍ତି। ଏବେ କିଛିଦିନ ହେଲା ସେଠାରେ ଶାଗ ବୁଣିବା ସହ ଟମାଟୋ, ବାଇଗଣ, କୋବି, କଞ୍ଚାଲଙ୍କା ଆଦି ଚାଷ ଆରମ୍ଭ କରିଛନ୍ତି। ମୋଟ ଏକ ଏକର ଜମିରେ ସେ ପରିବା ଚାଷ କରିଛନ୍ତି। ଉଦ୍ୟାନ ବିଭାଗରୁ ଆଣି ୧୫୦ଟି ଲେମ୍ବୁ ଚାରା ମଧ୍ୟ ଲଗାଇଛନ୍ତି। ଏଥିସହ ଶହେଟି କଦଳୀ ଗଛ ଲଗାଇବା ସହ ଘାସ ଚାଷ ମଧ୍ୟ କରିଛନ୍ତି। ନିକଟରେ ଥିବା ଏକ ପୋଖରି ପାଣି ବ୍ୟବହାର କରି ସେ ଏସବୁ ଚାଷ କରୁଥିବାବେଳେ ପୋଖରିର ବହୁତ କାର୍ଯ୍ୟ ବାକିଥିବା କହିଛନ୍ତି ମୁରଲୀ। ବୋର୍‌ୱେଲ କରି ପାଣି ବ୍ୟବସ୍ଥା ସହ ବିଜୁଳି ମଧ୍ୟ ସଂଯୋଗ କରିଛନ୍ତି। ପ୍ରତି ମାସରେ ସବୁ ଖର୍ଚ୍ଚ ଯାଇ ୩୦ ହଜାର ରୋଜଗାର ହେଉଥିବା ସେ କହିଛନ୍ତି। ତାଙ୍କ ଫାର୍ମ ହାଉସ୍‌ରେ ପ୍ରାୟ ୫ଜଣ ଲୋକ ମଧ୍ୟ କାମ କରି ପରିବାର ଚଳାଉଛନ୍ତି ବୋଲି କୁହନ୍ତି ମୂରଲି। ପୋଖରୀକୁ ସଜାଡିବାକୁ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆବଶ୍ୟକ ଏଥିସହ ପୁରା ୫ ଏକର ଜମିକୁ ଚାଷ ଉପଯୋଗୀ କରିବାକୁ ହେଲେ ବହୁ ଅର୍ଥ ଆବଶ୍ୟକ ରହିଛି। ମାତ୍ର ଏଥିରେ ଅର୍ଥ ବାଧକ ସାଜିଛି। ସରକାରୀ ସହାୟତା ମିଳିଲେ ସେ ଆହୁରି ବଡ ଚାଷୀ ହେବା ସହ ଅଞ୍ଚଳର ବହୁ ଲୋକଙ୍କୁ ନିଯୁକ୍ତି ଦେଇପାରନ୍ତେ ବୋଲି କହିଛନ୍ତି।

ଏ ନେଇ ସହାକରୀ ଉଦ୍ୟାନ କୃଷି ଅଧିକାରୀ ସୌଭାଗ୍ୟ କୁମାର ପାଣିଗ୍ରାହୀ କୁହନ୍ତି ମୁରଲୀଙ୍କ ପ୍ରୟାସ ପ୍ରଶଂସାଯୋଗ୍ୟ। ପାଠ ପଢି ଚାକିରି ପଛରେ ନଧାଇଁ ଚାଷ କାର୍ଯ୍ୟ ସହ ଗୋପାଳନ କରି ସେ ଯୁବପୀଢିଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।



ଗୋପାଳନ ଗୃହରେ ମୁରଲୀ ।

**ଚାଷ ପ୍ରତି ରହିଛି ଆଗ୍ରହ, ସରକାରୀ ସହାୟତା ଦାବି**



ଧରିତ୍ରୀ
DHARITRI
ଶନିବାର, ୨ ଜାନୁୟାରୀ ୨୦୨୧



# ବାଧୁଛି କଟ୍‌ନୀ ଛଟ୍‌ନୀ

**ଭଦ୍ରକ ଅଫିସ,୧।୧**

■ଡେରା ପକାଇଛନ୍ତି ଆନ୍ଧ୍ର ବେପାରୀ

■ଶାଗ ମାଛ ଦରରେ ଧାନ ବିକୁଛନ୍ତି ଚାଷୀ

ଭଦ୍ରକ ଜିଲାରେ ଚଳିତବର୍ଷ ଲକ୍ଷ୍ୟଧାର୍ଯ୍ୟଠାରୁ ଅଧିକ ଧାନ ଅମଳ ହୋଇଛି। ହେଲେ ଜିଲାର ଅଧିକାଂଶ ଅଞ୍ଚଳରେ ମଣ୍ଡି ଖୋଲାଯାଇ ନ ଥିବା ବେଳେ ଆଉ କେତେକ ସ୍ଥାନରେ କଟ୍‌ନୀ ଛଟ୍‌ନୀର ଶିକାର ହେଉଛନ୍ତି ଚାଷୀ। ଯେଉଁଥିପାଇଁ ଭଦ୍ରକର ଚାଷୀମାନେ ଆନ୍ଧ୍ର ଦଲାଲଙ୍କ କବ୍‌ଜାରେ ରହୁଛନ୍ତି। ଶାଗ ମାଛ ଦରରେ ଆନ୍ଧ୍ର ବେପାରୀଙ୍କୁ ସେମାନଙ୍କ ଧାନ ବିକିବାକୁ ପଡୁଛି। ପ୍ରଶାସନିକ ଅଧିକାରୀ ଓ ମିଲରମାନଙ୍କ ତାଳମେଳରେ ଅଭାବ କାରଣରୁ ଏଭଳି ପରିସ୍ଥିତିର ସମ୍ମୁଖୀନ ହେଉଥିବା ଚାଷୀମାନେ ପ୍ରକାଶ କରିଛନ୍ତି।

ଧାନ କ୍ରୟ ଆରମ୍ଭ ହୋଇଥିଲେ ହେଁ ଜିଲାରେ ସବୁ ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ମଣ୍ଡି ଖୋଲାଯାଇ ପାରିନାହିଁ। ଡିସେମ୍ବର ୨୦ଠାରୁ ଧାନ ସଂଗ୍ରହ କରିବାକୁ ୯୭ଟି ପ୍ୟାକ୍ସକୁ ଦାୟିତ୍ୱ ଦିଆଯାଇଛି। ଜିଲାର ୬୯ ହଜାର ୬୫୨ଜଣ ଚାଷୀ ଅନ୍‌ଲାଇନ ଜରିଆରେ ନିଜର ନାମ ପଞ୍ଜୀକରଣ କରିଛନ୍ତି। କିନ୍ତୁ ବହୁ ଚାଷୀ ପଞ୍ଜୀକରଣରୁ ବାଦ୍ ପଡ଼ିଥିବା କୁହାଯାଉଛି। ଏହାଛଡ଼ା ଅଧାରୁ ଅଧିକ ମଣ୍ଡି ଏଯାଏ ଖୋଲାଯାଇ ନାହିଁ। ଉପଯୁକ୍ତ ସମୟରେ ଆର୍‌ଏମସି ପକ୍ଷରୁ ଚିହ୍ନଟ ଧାନ କ୍ରୟ କେନ୍ଦ୍ର ପାଇଁ ଅନୁମୋଦିତ ସମବାୟ ସମିତିଗୁଡ଼ିକ ଧାନ କିଣୁ ନ ଥିବାରୁ ଆଗୁଆ ଅମଳ କରିଥିବା ଚାଷୀମାନେ ଆନ୍ଧ୍ର ବେପାରୀଙ୍କୁ ବିକ୍ରି କରୁଛନ୍ତି। ପ୍ରକାଶ ଯେ, ଚଳିତବର୍ଷ ଗ୍ରେଡ୍ (ଏ) ଏଫ୍‌ଏକ୍ୟୁ (ସାଧାରଣ) ଧାନର କୁଇଣ୍ଟାଲ ମୂଲ୍ୟ ପ୍ରତି ୧୮୬୮ ଥିଲାବେଳେ ଗ୍ରେଡ୍ (ଏ) ଏଫ୍‌ଏକ୍ୟୁ ଧାନର କୁଇଣ୍ଟାଲ ପ୍ରତି ମୂଲ୍ୟ ୧୮୮୮ ଟଙ୍କା ରହିଛି। କିନ୍ତୁ ଉପଯୁକ୍ତ ମାନ ନ ଥିବା ଦର୍ଶାଇ କେତେକ ମଣ୍ଡିରେ କଟ୍‌ନୀ ଛଟ୍‌ନୀ କରାଯାଉଛି। ଚାଷୀମାନେ ଆନ୍ଧ୍ର ବେପାରୀଙ୍କ ଦଲାଲ ହାବୁଡ଼ରେ ପଡ଼ି ୧୨ଶହରୁ ୧୫ ଶହ ଟଙ୍କାରେ ଧାନ ବିକୁଛନ୍ତି। କିଛି ଅଞ୍ଚଳରେ ବେପାରୀମାନେ କୁଇଣ୍ଟାଲ ପିଛା ୧୧ ଶହରୁ ୧୧୫୦ ଟଙ୍କାରେ କିଣୁଥିବା ଓ ଏହା ମୁଖ୍ୟତଃ ଆଗରପଡ଼ା, ବନ୍ତ, ଆରଡ଼ି, ବରପଦା ଅଞ୍ଚଳରେ ଦେଖିବାକୁ ମିଳୁଛି। ମୁଖ୍ୟରାସ୍ତା କଡ଼ରେ ଆନ୍ଧ୍ର ଟ୍ରକଗୁଡ଼ିକ ଅଟକି ରହି ଗାଁ ମଝିରୁ ଶହ ଶହ ବସ୍ତା ଓଜନ କରି ଆଣି ଗାଡ଼ିରେ ଲୋଡ୍ କରୁଛନ୍ତି। ଚାଷୀମାନେ ଉପଯୁକ୍ତ ଧାନ ଦର ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏ ନେଇ କୃଷକ ନେତା ତଥା କୃଷକ ସଙ୍ଗଠନର ଜିଲା ସଂଯୋଜକ ସତ୍ୟ ନାୟକ ସରକାରୀ ସ୍ତରରେ ଏଥିପ୍ରତି ଦୃଷ୍ଟି ନ ଦେଲେ ଖୁବ୍‌ଶୀଘ୍ର ଜିଲାସ୍ତରୀୟ ଚାଷୀ ଆନ୍ଦୋଳନ କରାଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ଆର୍‌ଏମ୍‌ସି ସମ୍ପାଦକ ବିକାଶ ଦାସ କହିଛନ୍ତି ଯେ, ଧାନ କ୍ରୟ ପାଇଁ ସରକାରୀ ସ୍ତରରେ ମାନ ଯାଞ୍ଚ ଲାଗି ସମସ୍ତ ମଣ୍ଡିକୁ ଯନ୍ତ୍ରାଂଶ ଦିଆଯାଇଛି। ଉକ୍ତ ଯନ୍ତ୍ରାଂଶ ଦ୍ୱାରା ଯାଞ୍ଚ ପରେ ଚାଷୀଙ୍କଠାରୁ ଧାନ କିଣାଯିବା ପାଇଁ ନର୍ଦ୍ଦେଶ ରହିଛି। ଏଣୁ ମାନ ଅନୁଯାୟୀ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ଦିଆଯିବ।


ବରପଦା ଅଞ୍ଚଳରୁ ଆନ୍ଧ୍ର ବେପାରୀ ଧାନ କିଣି ଗାଡ଼ିରେ ବୋଝେଇ କରୁଛନ୍ତି।

## ସଂକ୍ଷେପରେ

### ରୋଗୀଙ୍କୁ ବଣ୍ଟାଗଲା ୩୦୦ କମ୍ବଳ

**କେନ୍ଦୁଝର,୧।୧(ସ୍ୱ.ପ୍ର/ଡି.ଏନ୍.ଏ.):** କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଷ୍ଟାଫ୍ ନର୍ସ ଭାବେ କାର୍ଯ୍ୟରତ ରଶ୍ମିତା ମହାନ୍ତ ତାଙ୍କ ଏକମାତ୍ର ପୁଅ ଜସନ ଜୟତୀର୍ଥର ଜନ୍ମଦିନକୁ ନିଆରା ଢଙ୍ଗରେ ପାଳନ କରିଛନ୍ତି। ମୁଖ୍ୟ ଚିକିତ୍ସାଳୟର ମହିଳା, ଶିଶୁ ଓ ଅନ୍ୟାନ୍ୟ ୱାର୍ଡରେ ଚିକିତ୍ସାଧିନ ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କୁ ୩୦୦ କମ୍ବଳ, ସ୍ୱେଟର ଓ ଚାଦର ବାଣ୍ଟିଛନ୍ତି। କେନ୍ଦୁଝରରେ ପ୍ରବଳ ଶୀତ ଯୋଗୁ ରୋଗୀ ହଇରାଣ ହେଉଥିବାବେଳେ ଗରିବ ଅସହାୟଙ୍କୁ ସେ ଏଭଳି ସହାୟତା କରିଥିବାରୁ ବିଭିନ୍ନ ମହଲରେ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

### ପଞ୍ଚାୟତ କାର୍ଯ୍ୟାଳୟରେ ଦଳୀୟ ପ୍ରଚାର

**ରୁପ୍‌ସା,୧।୧(ଡି.ଏନ.ଏ.):** ସରକାରୀ ବିଧି ବ୍ୟବସ୍ଥାକୁ ତୃଣମୂଳସ୍ତରରେ ପହଞ୍ଚାଇବା ପାଇଁ ସରକାର ପଞ୍ଚାୟତିରାଜ ବ୍ୟବସ୍ଥା ପ୍ରଚଳନ କରିଛନ୍ତି। ସାଧାରଣ ଲୋକ ଏବଂ ସରକାରୀ ବ୍ୟବସ୍ଥାରୁ ଦୂରତ୍ୱ କମାଇବା ପାଇଁ ଆଜିବି ସରପଞ୍ଚ ମାନଙ୍କର ନିର୍ବାଚନ ଅନୁଷ୍ଠିତ ହେଉଥିଲେ ମଧ କୌଣସି ଦଳୀୟ ଚିହ୍ନ ରହିବାର ସରକାରୀ ବିଧି ବ୍ୟବସ୍ଥା ନାହିଁ। ବାଲେଶ୍ୱର ଜିଲା ବସ୍ତା ବ୍ଲକ କୁଡ଼ିଆ ପଞ୍ଚାୟତରେ ଏଭଳି ବିଧି ବ୍ୟବସ୍ଥାକୁ ଉଲ୍ଲଂଘନ କରାଯାଇଛି। ଏହି ପଞ୍ଚାୟତର ଲୋକ ପ୍ରତିନିଧି ନବବର୍ଷର ଅଭିନନ୍ଦନ ବାର୍ତ୍ତା ବ୍ୟାନରକୁ ନିଜର ଓ ଦଳୀୟ ନେତାଙ୍କ ଫଟୋକୁ ଝୁଲାଇଛନ୍ତି। ଏହାକୁ ସାଧାରଣରେ ନାପସନ୍ଦ କରାଯାଇଛି।

### ପୋଖରୀରେ ବୁଡ଼ି ଶିଶୁ ମୃତ

**ବାହାନଗା, ୧।୧(ଡି.ଏନ.ଏ.)**-ବାଲେଶ୍ୱର ଜିଲା ବାହାନଗା ବ୍ଲକ କରଞ୍ଜେଇ ଗ୍ରାମର ମନୋଜ କୁମାର ବିଶ୍ୱାଳଙ୍କ ୨ବର୍ଷର ପୁଅ ସତ୍ୟମ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ଅଗଣାରେ ଖେଳୁଥିବା ବେଳେ ପୋଖରୀକୁ ଚାଲିଯାଇଥିଲା। ପରିବାର ଲୋକେ ଖୋଜାଖୋଜି କରି ପାଇ ନ ଥିଲେ। ପରେ ପୋଖରୀରୁ ମୃତଦେହ ଜବତ ହୋଇଥିଲା।

# ହତ୍ୟାକରି ବିଲରେ ଫିଙ୍ଗିଥିଲେ ସ୍ୱାମୀ

**ସୋର, ୧।୧(ଡି.ଏନ୍.ଏ.)**

**ଗୋଡବନ୍ଧା ଅବସ୍ଥାରେ ମହିଳାଙ୍କ ମୃତଦେହ ଜବତ ଘଟଣା**

ବାଲେଶ୍ୱର ଜିଲା ସୋର ଥାନା ମାଣତ୍ରୀ ପଞ୍ଚାୟତ ଦହିପୁର ମୌଜାରେ ଗତ ୨୯ ତାରିଖରେ ଏକ ବିଲ ମଝିରେ କୁଟାଗଦା ତଳେ ଗୋଡ଼ବନ୍ଧା ଅବସ୍ଥାରେ ମହିଳାଙ୍କ ଉଲଗ୍ନ ମୃତଦେହ ଜବତ କରାଯାଇଥିଲା। ପରେ ଉକ୍ତ ମହିଳା ଆମ୍ବଗଡ଼ିଆ ଗ୍ରାମର ବିଶୁ ସିଂଙ୍କ ସ୍ତ୍ରୀ ସବିତା ବୋଲି ଜଣାପଡିଥିଲା। ସୋର ଥାନା ଭାରପ୍ରାପ୍ତ ଅଧିକାରିଣୀ ମଧୁମିତା ମହାନ୍ତି ବାଲେଶ୍ୱରରୁ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରି ମୃତ ମହିଳାଙ୍କ ସ୍ୱାମୀ ବିଶୁଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିଥିଲେ। ବିଶୁ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିବା ପୋଲିସ ପ୍ରମାଣ ପାଇବା ପରେ ଗିରଫ କରି କୋର୍ଟଚାଲାଣ କରିଛି।

ପୋଲିସ ସୂତ୍ରରୁ ପ୍ରକାଶ, ବାଲେଶ୍ୱର ସଦର ଥାନା ଅଧୀନ ହଳଦୀପଦା ଅଞ୍ଚଳର ସବିତା ୧୦ ବର୍ଷ ତଳେ ବିଶୁଙ୍କ ବଡବାପା ପୁଅ ଭାଇ ମଧୁଙ୍କୁ ବିବାହ କରିଥିଲେ। ତାଙ୍କର ଗୋଟିଏ ୭ ବର୍ଷର ଝିଅ ଓ ୫ ବର୍ଷର ପୁଅ ଅଛନ୍ତି। ଗତ ୩ ବର୍ଷ ତଳେ ମଧୁଙ୍କ ମୃତ୍ୟୁ ହେବା ପରେ ସବିତା ବିଶୁଙ୍କୁ ବିବାହ କରିଥିଲେ। ବିବାହ ପରେ ତାଙ୍କର ଝିଅଟିଏ ହୋଇଥିଲା। ଏହାପରେ ବାରମ୍ବାର ପାରିବାରିକ କଳହ ହେବାରୁ ସବିତା ବାପ ଘରକୁ ପଳାଇଯାଇ ପରଘରେ ପାଇଟି କରି ଗୁଜରାଣ ମେଣ୍ଟାଉଥିଲେ। ଦୀର୍ଘ ୨ ବର୍ଷ ଅପେକ୍ଷା କରି ସବିତା ନ ଫେରିବାରୁ ବିଶୁ ଦ୍ୱିତୀୟ ବିବାହ କରିଥିଲେ। ଏହି ଖବର ପାଇ ସବିତା ମୋବାଇଲରେ ଫୋନ କରି ବିଶୁଙ୍କୁ ଗାଳିଗୁଲଜ କରିଥିଲେ। ବିଶୁ ଏଥିରେ ଉତ୍ୟକ୍ତ ହୋଇ ସବିତାଙ୍କୁ ରାସ୍ତାରୁ ହଟାଇବାକୁ ଯୋଜନା କରି ତାଙ୍କୁ ସୋର ଡକାଇଥିଲେ। ଦୁହେଁ ଦହିପୁର ନିକଟ ଏକ ନିଛାଟିଆ ସ୍ଥାନରେ ସାଙ୍ଗ ହୋଇ ମଦ ପିଇଥିଲେ। ସବିତା ନିଶାଗ୍ରସ୍ତ ହେବା ପରେ ବିଶୁ ଲୁଚାଇ ରଖିଥିବା କୀଟନାଶକ ମଦରେ ମିଶାଇ ସବିତାଙ୍କୁ ପିଆଇଥିଲେ। ସେ ଅଚେତ ହେବା ପରେ ତାଙ୍କୁ ବିଲ ମଝିକୁ ଘୋଷାଡି ଘୋଷାଡି ନେଇ ତା ଉପରେ କୁଟା ଢ଼ାଙ୍କି ପଳାଇଯାଇଥିଲେ। ବିଶୁ ନିଜେ ହତ୍ୟା କରିଥିବା ସ୍ୱୀକାର କରିବା ପରେ ମାମଲାର ତଦନ୍ତକାରୀ ଅଧିକାରୀ ସଚ୍ଚିଦାନନ୍ଦ ଗିରି ସେକ୍ ମାମଲା(ନଂ. ୪୬୦/୨୦) ରୁଜୁ କରି ବିଶୁଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛନ୍ତି।

# ସୃଜନକଳାରେ ପୁରୁଣା ବର୍ଷକୁ ବିଦାୟ

**ବାଲେଶ୍ୱର ଅଫିସ, ୧।୧**

**ଚିତ୍ରକଳା, ବାଲୁକାକଳା, କବିତା ଆସରରେ ବିତିଲା ଦିନ**

ବାଲେଶ୍ୱର ଜିଲା ରେମୁଣା ଗୋଲେଇ ନିକଟସ୍ଥ କୋଶମ୍ବ ନଗର ଦୁବଲାଦଢ଼ ପରିସରରେ ସୋରର କଳା ଅନୁଷ୍ଠାନ କଳାଘର ଓ ଭଦ୍ରକର ସେକେଣ୍ଡ ୱାର୍ଲ୍ଡ ସଦସ୍ୟଙ୍କ ଉଦ୍ୟମରେ ସୃଜନକଳା ମାଧ୍ୟମରେ ପୁରୁଣା ବର୍ଷକୁ ବିଦାୟ ଦିଆଯାଇଛି। ଗୁରୁବାର ଦିନସାରା ରାଜ୍ୟସ୍ତରୀୟ ଚିତ୍ରକଳା କର୍ମଶାଳା, କବିତା ଆସର, ଜଉକଣ୍ଢେଇ, ବାଲୁକା କଳା ଓ ଟେରାକୋଟା କର୍ମଶାଳାରେ ବିତିଯାଇଥିଲା। ମୁଖ୍ୟଅତିଥି ଭାବେ ବନାରସ ହିନ୍ଦୁ ୟୁନିଭରସିଟିର କଳା ବିଭାଗର ପୂର୍ବତନ ଡିନ୍ ପ୍ରଫେସର ଦିପ୍ତୀ ପ୍ରକାଶ ମହାନ୍ତି ଓ ସହଧର୍ମିଣୀ ସନ୍ଧ୍ୟା ମହାନ୍ତି ମିଳିତ ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍ଥାନୀୟ ଗୃହିଣୀ ଚିତ୍ରଶିଳ୍ପୀ ନୀଳିମା ପ୍ରଧାନଙ୍କ ଆଦିବାସୀ ଜନଜୀବନ ଆଧାରିତ କ୍ୟାନଭାସରେ ୧୦ଟି ଏକ୍ରାଲିକ ପେଣ୍ଟିଙ୍ଗକୁ ମୁଖ୍ୟଅତିଥି ଉନ୍ମୋଚନ କରିଥିଲେ ।

କଳାଘରର ମୁଖ୍ୟ ବିଶିଷ୍ଟ ଚିତ୍ରଶିଳ୍ପୀ ରାଜବଲ୍ଲଭ ସାହୁ ସଭାପତିତ୍ୱ କରିଥିଲେ। ସେକେଣ୍ଡ ୱାର୍ଲ୍ଡ ମୁଖ୍ୟ ତଥା କର୍ମଶାଳାର ସଂଯୋଜକ ସୁଶାନ୍ତ ନାୟକ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ବ୍ରଜ ଷଡ଼ଙ୍ଗୀ, କେଶୁ ଦାସ, ନିତ୍ୟାନନ୍ଦ ସାହୁ, ମହେନ୍ଦ୍ର ନାଥ ଦଣ୍ଡପାଟ, ଧର୍ମପଦ ବିଶ୍ୱାଳ, ମରୁତ ରାଉତ, ମାନସ ପତି, ଅରୁଣ ଲେଙ୍କା ପ୍ରମୁଖ ଜଳରଙ୍ଗ କର୍ମଶାଳାରେ ଯୋଗଦେଇ ରଙ୍ଗ ତୁଳୀରେ ସୁନ୍ଦର ଚିତ୍ର ଆଙ୍କିଥିଲେ। କର୍ମଶାଳାରେ ୱାଟରକଲର ପେଣ୍ଟିଂ ସବୁ ସର୍ବସାଧାରଣ ପାଇଁ ପ୍ରଦର୍ଶିତ ହୋଇଥିଲା। ବିଶିଷ୍ଟ ଚିତ୍ରଶିଳ୍ପୀ ଅଶୋକ ମହାନ୍ତି ଓ ଶିରିଶ ଚାନ୍ଦ ଯୋଗଦେଇଥିଲେ।

ସେହିପରି କିଶୋର ବାଲୁକା ଶିଳ୍ପୀ ଅଙ୍କିତ ଦାସ ବାଲିରେ ସୁନ୍ଦର ଜଗନ୍ନାଥ ଗଢ଼ିଥିବା ବେଳେ କଳାଘୋଡ଼ା ଦେଶର କୁମ୍ଭକାର କାର୍ତ୍ତିକ ବେହେରା କୁମ୍ଭାର ଚକରେ ଡିଆଁଘୋଡ଼ା ତିଆରି କରିଥିଲେ। ଅନ୍ୟପକ୍ଷରେ ଜଉକଣ୍ଢେଇ କର୍ମଶାଳାରେ କନକଲତା ଦାସ, କବିତା ଦେ, ସୁକାନ୍ତି ସାହୁ, ପୁଷ୍ପିତା କରଣ, ଅନୀତା ସିଂ ଓ ଜୁଲି ସିଂ ଯୋଗଦେଇ ଜଉକଣ୍ଢେଇ ଗଢ଼ିଥିଲେ। ପରେ ସନ୍ଧ୍ୟାରେ ଆୟୋଜିତ ଶୀତ କବିତା ଆସରକୁ ଡ. କବିତା ବାରିକ ସଭାପତିତ୍ୱ କରିଥିବା ବେଳେ କବି ଗଗନ ସେଠୀ ସଂଯୋଜନା କରିଥିଲେ । କବିତାପାଠ ଉତ୍ସବରେ ଡ. ଭାଗବତ ପ୍ରସାଦ ଦାସ, କବି ପ୍ରବୀର କମିଳା, ପ୍ରଭାକର ସାହୁ, ପ୍ରଦୀପ ମିଶ୍ର, ଗଙ୍ଗାଧର ଦାସ, ସିପ୍ରା ସାଗରିକା, ନରୋତ୍ତମ ଦାସ, ଲିଙ୍ଗରାଜ ନାୟକ ପ୍ରମୁଖ କବିତାପାଠ କରିଥିଲେ। ରତିକାନ୍ତ ବେହେରା, ଅମୂଲ୍ୟ ସାହୁ, ବିଶ୍ୱଜିତ ସାହୁ ଓ ଚନ୍ଦ୍ରଶେଖର ପରିଡ଼ା ପ୍ରମୁଖ କର୍ମଶାଳାରେ ସହଯୋଗ କରିଥିଲେ।


କର୍ମଶାଳା ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି।

# ଆରମ୍ଭ ହେଲା ଶିଶୁ ପ୍ରମୋଦ କେନ୍ଦ୍ର


ଶିଶୁ ପ୍ରମୋଦ କେନ୍ଦ୍ରକୁ ଜିଲାପାଳ ବିନୀତ ଭରଦ୍ୱାଜ ଉଦ୍‌ଘାଟନ କରୁଛନ୍ତି।

**ବାରିପଦା ଅଫିସ,୧।୧**

ମୟୂରଭଞ୍ଜ ଜିଲା ବାରିପଦା ପୌରାଞ୍ଚଳ ୨୨ନଂ. ୱାର୍ଡର ଲିଙ୍ଗରାଜ ପଲ୍ଲୀଠାରେ ଶୁକ୍ରବାର ପୂର୍ବାହ୍ନରେ ୟୁଡବ୍ଲୁଇଆଇ ଯୋଜନାରେ ନିର୍ମିତ ମାଇକ୍ରୋ ଏକଟିଭିଟିଜ ପରିଚୟ ଗୃହ ଏବଂ ଶିଶୁ ଆମୋଦ ପ୍ରମୋଦ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ବିନୀତ ଭରଦ୍ୱାଜ ଏହାକୁ ଉଦ୍‌ଘାଟନ କରିଥିଲେ। ବାରିପଦା ଉପଜିଲାପାଳ ପି. ଅନ୍ୱେଷା ରେଡ୍ଡିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପୌରପାଳିକାର କମ୍ୟୁନିଟି ଅର୍ଗାନାଇଜର ତାରାମଣି ମହାନ୍ତି, ୱାର୍ଡ ଅଧିକାରୀ ରବୀନ୍ଦ୍ର ନାଥ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ଫଳରେ ସ୍ଥାନୀୟ ବସ୍ତି ବାସିନ୍ଦାଙ୍କ ସାମୂହିକ କାର୍ଯ୍ୟ ଅନୁଷ୍ଠିତ ହେବ। ଏଠାରେ ପିଲାମାନଙ୍କର ଶାରୀରିକ ଓ ମାନସିକ ବିକାଶ ପାଇଁ ଖେଳକୁଦ ସରଞ୍ଜାମ ଆଦି ସୁବ୍ୟବସ୍ଥିତ ଭାବରେ ରହିଛି। କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ରାଜ ଶିବନାରାୟଣ କିସ୍କୁ, ପୌରପାଳିକାର କର୍ମଚାରୀ ଉପସ୍ଥିତ ଥିଲେ।

# ବନ୍ଧୁମିଳନ, ସମ୍ବର୍ଦ୍ଧନା ସଭା

**ବାରିପଦା ଅଫିସ,୧।୧**

ସ୍ଥାନୀୟ ମଞ୍ଚାବନ୍ଧା ଇକୋଟୁରିଜମ ସ୍ପଟ୍‌ରେ ଗୁରୁବାର ପୋଲିସ ପବ୍ଲିକ ପ୍ରେସ୍ ଅନୁଷ୍ଠାନ ପକ୍ଷରୁ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ଜିଲା ସଭାପତି ଅକ୍ଷୟ କୁମାର ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବାରିପଦା ଡିଆଇବି ଡିଏସ୍‌ପି ବାମଦେବ ସିଂହ, ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ମୁଖ୍ୟବକ୍ତା ଏବଂ ଆଇନଜୀବୀ ଜ୍ୟୋତି ପ୍ରକାଶ ରଥ, ସମୀର ରଞ୍ଜନ ମହାପାତ୍ର, ବିବେକାନନ୍ଦ ନାୟକ, ଖବରଦାତା ସୁବାସ ଚନ୍ଦ୍ର ମହାନ୍ତି, ଦୀପକ କୁମାର ନାୟକ ପ୍ରମୁଖ ସମ୍ମାନିତ ଅତିଥିଭାବରେ ଯୋଗଦେଇ ପୋଲିସ ପବ୍ଲିକ ପ୍ରେସ୍‌ର ସ୍ୱେଚ୍ଛାସେବୀମାନଙ୍କର ସମାଜସେବାମୂଳକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ କୋଭିଡ୍ ଯୋଦ୍ଧା ଭାବରେ ପୋଲିସ ବିଭାଗର ଟ୍ରାଫିକ୍ କନଷ୍ଟେବଲ ଓ ହାବିଲଦାର, ସ୍ୱାସ୍ଥ୍ୟ ବିଭାଗର ନର୍ସ, ସ୍ୱାସ୍ଥ୍ୟ କର୍ମୀ ଓ ସୁଇପର ଏବଂ କୋଭିଡ୍ ସମୟରେ ଉଲ୍ଲେଖନୀୟ କାର୍ଯ୍ୟକରିଥିବା ପୋଲିସ ପବ୍ଲିକ ପ୍ରେସ୍‌ର ସ୍ୱେଚ୍ଛାସେବୀ ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବରେ ଯୋଗଦେଇଥିବା ଅତିଥିମାନଙ୍କୁ ମଧ୍ୟ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶ୍ରୀକାନ୍ତ ରାଉତ ମଞ୍ଚ ପରିଚାଳନା କରିଥିବା ବେଳେ ମଳୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ସଦସ୍ୟ ସଞ୍ଜୀବ କୁମାର ସାହୁ, ସୁଶାନ୍ତ ପଣ୍ଡା, ଜୟମାଧବ ପାଣିଗ୍ରାହୀ, ଲକ୍ଷ୍ମଣ ଜେନା ପ୍ରମୁଖ ବହୁ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# 'ଜିଲାର ପ୍ରଗତି ପାଇଁ ସହଯୋଗ ଲୋଡ଼ା'

**କେନ୍ଦୁଝର,୧।୧(ଡି.ଏନ.ଏ.)**

କେନ୍ଦୁଝର ଜିଲାପାଳ ଆଶିଷ ଠାକରେ ନୂଆବର୍ଷ ଅବସରରେ ଜିଲାବାସୀଙ୍କୁ ଶୁଭେଚ୍ଛା ଜଣାଇ ସୁଖ ଓ ସମୃଦ୍ଧି କାମନା କରିଛନ୍ତି। ଜିଲାର ପ୍ରଗତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ଜିଲା କାର୍ଯ୍ୟାଳୟର ଅଧିକାରୀ ଓ କର୍ମଚାରୀମାନଙ୍କ ଆନୁକୂଲ୍ୟରେ ଦରବାର ହଲ୍‌ଠାରେ ଆୟୋଜିତ ସମାରୋହରେ ଜିଲାପାଳ ଶୁଭେଚ୍ଛା ଜଣାଇବା ସହିତ ସେମାନେ ନିଜର କର୍ତ୍ତବ୍ୟ ପ୍ରତି ସଚେତନ ରହି ଜିଲାବାସୀଙ୍କୁ ସେବା ଯୋଗାଇଦେବା ଲାଗି ଅଙ୍ଗୀକାରବଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଜିଲାରେ ଉନ୍ନୟନ ଓ ପ୍ରଗତି ପ୍ରକ୍ରିୟାର ସଫଳ ରୂପାୟନ ପାଇଁ ନିଷ୍ଠାର ସହ କାର୍ଯ୍ୟ କରି ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ କହିଥିଲେ। ମହାମାରୀ କୋଭିଡ୍-୧୯ ବିରୋଧରେ ଲଢ଼େଇରେ ଅଧିକାରୀ ଓ କର୍ମଚାରୀଙ୍କ କର୍ତ୍ତବ୍ୟ ପରାୟଣତାକୁ ପ୍ରଶଂସା କରିଥିଲେ ଜିଲାପାଳ। ଏଥିରେ ଜିଲାବାସୀଙ୍କ ସହଯୋଗ ଏବଂ କୋଭିଡ୍ ଯୋଦ୍ଧାମାନଙ୍କ କର୍ତ୍ତବ୍ୟନିଷ୍ଠା ପାଇଁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏବେବି ବିପଦ ଟଳି ନ ଥିବାରୁ ସହଯୋଗ ବଳବତ୍ତର ରଖିବାକୁ ନିବେଦନ କରିଛନ୍ତି।

ଅତିରିକ୍ତ ଜିଲାପାଳ ଡ. ଭକ୍ତଚରଣ ପ୍ରଧାନ ଏବଂ ଅତିରିକ୍ତ ଜିଲାପାଳ(ରାଜସ୍ୱ) ସନ୍ତୋଷ କୁମାର ନାୟକ ମଧ ନବବର୍ଷର ଶୁଭେଚ୍ଛା ଜଣାଇ ଉଦ୍‌ବୋଧନ ଦେଇଥିଲେ। ନୂଆବର୍ଷ ସମସ୍ତଙ୍କ ପାଇଁ ସଂକଳ୍ପର ବର୍ଷ ହେଉ। ଜିଲାପାଳଙ୍କ ନେତୃତ୍ୱରେ ଜିଲାରେ ସରକାରଙ୍କ କାର୍ଯ୍ୟକ୍ରମକୁ ଅଧିକ ଲୋକାଭିମୁଖୀ କରିବା ସହିତ ମୋ ସରକାର କାର୍ଯ୍ୟକ୍ରମକୁ ଫଳପ୍ରଦ କରିବା ନିମନ୍ତେ କର୍ମଚାରୀମାନେ ଅଙ୍ଗୀକାରବଦ୍ଧ ହେବାକୁ ନୂଆବର୍ଷ ପ୍ରେରଣା ଯୋଗାଉ ବୋଲି କହିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ସମାରୋହ ସଞ୍ଚାଳନା କରିଥିଲେ। ଡେପୁଟି କଲେକ୍ଟର ବସୁନ୍ଧରା ଭିତିରିଆ, ସୁରଞ୍ଜିକା ବେହେରା, ବରିଷ୍ଠ ରାଜସ୍ୱ ସହାୟକ ମହମ୍ମଦ ଅଲ୍ଲୀ ଜିନା, ମିଶନ ଶକ୍ତିର ଡିପିଏମ୍ ଶିଶିର ଷଡ଼ଙ୍ଗୀ, ଜିଲା ନିୟୋଜନ ଅଧିକାରୀ ଗଣେଶ୍ୱର ନାୟକ, କର୍ମଚାରୀ ଅମରେଶ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।

URGENTLY REQUIRED 23NOS CANDIDATES
ଓଡିଶା ଶିଳ୍ପାଞ୍ଚଳ ଢେଙ୍କାନାଳ, ଅନଗୁଳ, କଟକ, ରାୟଗଡା,ଟିଟିଲାଗଡ, ପାରାଦ୍ୱୀପ ଝାରସୁଗୁଡା ପାଇଁ ତୁରନ୍ତ ପ୍ରାର୍ଥୀ ଆବଶ୍ୟକ
Qualification: 9th/10th to B.Tech
Salary : Rs 9,380/- to Rs 74,800/-
Email your CV to : starrichplants12@gmail.com
WhatsApp : 8984171871

Required Home Loan Sales Officer for Bhubaneswar & Cuttack Maruti Associate, Bhubaneswar (An authorised DSA for Home & Mortgage Loan) (Minimum 1 year experience in relevant field should only send resume in maruti.associate8080@gmail.com).
Mob. No.-7846907309
Lan. No.-0674-2386045

Required
VCI- Urgent openings:
Fresher & Experienced,
Male & Female can apply.
Salary package:
40,000 upto Rs 70,000/- per Months
Qualifications:
12th on words upto graduations.
Sarika: 8298908593
Zoya : 9534426993

Required for an ISO 9001:2015 Certified Organisation in the field of Service & Repair of Turbochargers
Headquarters at Mumbai with workshops at Vizag, Singapore, Bangladesh & Dubai, UAE.
❖ Trainee Diploma Engineers (Diploma in Mechanical/Industrial Engineering)
❖ Trainee Technicians (ITI- Fitter, Turner & Welder)
❖ Trainee Marketing Executives (Good communication skills with English speaking)
Maximum 1 year experience and freshers also can apply. Please send your complete resume with all details by January 2021 to below mentioned address or email id.
DALWIN MARINE
R-307, Rabale, TTC Industrial Area, MIDC, Navi Mumbai - 400701
E-mail: dalwin@dalwin.com, Mob: +91-9820044878
Online interviews will be conducted for only shortlisted candidates.
Remuneration and perks are attractive in the industry.

SAMALESWARI REGIONAL CO-OP. MILK PRODUCERS' UNION LTD.
SAKHIPARA, SARLA CANAL ROAD, SAMBALPUR- 768006
Tel. No. 0663-2548590, Fax No.- 0663-2548520
TENDER NOTICE
Tender Notice floated for Engagement of Security Agency for deployment of Security Guard at various Units of this Milk Union- 11 Nos., Detail Tender documents can be purchased from Milk Union office or download from our website www.samul.in From 01.01.2021 onward. Last date of submission is 15th January' 2021 by 3.00 P.M. The cost of Tender Paper- Rs. 6,720/- (including GST)
Sd/- General Manager






# ପେଟ ଚିନ୍ତାରେ କୁମ୍ଭକାର ପରିବାର

ଉତ୍କଳବନ୍ଧୁ ପଣ୍ଡା
ଖଇରା, ୧୧୧

କାହାର ଅଷ୍ଟପ୍ରହର ନାମଯଜ୍ଞ ହେଉ କି ବିବାହ ବ୍ରତ ଭଳି ଶୁଭକର୍ମ ହେଉ ଏଭଳି ସମୟରେ ଦରକାର ପଡେ ମାଟି ପାତ୍ର । ବୈଶାଖ ମାସ ଆରମ୍ଭ ନ ହେଉଣୁ ଥଣ୍ଡା ପାଣି ପାଇଁ ଖୋଜାପଡେ ସୁରେଇ । ଏହି ମାଟି ପାତ୍ର କଥା ଉଠିବା ମାତ୍ରେ ଲୋକେ ବାଲେଶ୍ୱର ଜିଲା ଖଇରା ବଜାରଠାରୁ ଅନ୍ୟୂନ ୨କି.ମି. ଦୂର ବଟେଶ୍ୱର ଗ୍ରାମର କୁମ୍ଭାର ସାହିକୁ ଛୁଟି ଯାଇଥାନ୍ତି। ଯିଏ ଯାହାର ମନ ପସନ୍ଦର ମାଟି ତିଆରି ଜିନିଷ ପାଇଁ ଅଗ୍ରୀମ ଦେଇଯାନ୍ତି । ହେଲେ ପ୍ଲାଷ୍ଟିକ ଓ ଆଧୁନିକ ଯନ୍ତ୍ରପାତିର ବହୁଳ ବ୍ୟବହାର ଯୋଗୁ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ପଡୁଛି ଏହି ସମ୍ପ୍ରଦାୟର ପରିବାରକୁ । ବହୁ ପରିବାର ଏହି ପରିସ୍ଥିତିରେ ନିଜକୁ ଖାପଖୁଆଇ ନ ପାରି ବୃତ୍ତିକୁ ଛାଡି ଅନ୍ୟ ଧନ୍ଦାରେ ମାତିଥିବା ବେଳେ ୫ ପରିବାର ବାପା ଜେଜେବାପା ଶିଖାଇ ଦେଇଯାଇଥିବା ମାଟି ଜିନିଷ ତିଆରି କୌଳିକ ବୃତ୍ତିକୁ ଛାଡି ପାରିନାହାନ୍ତି। କୋଭିଡ ସମୟରେ ମାଟିରେ ତିଆରି ସାମଗ୍ରୀ ବିକ୍ରିବଟା ନ ଥିବା ବେଳେ କେହି କାଣି କଉଡିଟିଏ ସହାୟତା ଦେଇନାହାନ୍ତି । ସରକାର ଏଥିପ୍ରତି ଦୃଷ୍ଟି ନ ଦେଲେ ଖଇରା ତଥା ଆଖପାଖ ଅଞ୍ଚଳକୁ ମାଟିପାତ୍ର ଯୋଗାଉଥିବା ଏହି ପରିବାର ବୃତ୍ତି ଛାଡିବାକୁ ବାଧ୍ୟ ହେବେ ବୋଲି ଚେତାଇ ଦେଇଛନ୍ତି।


ଜଣେ କାରିଗର ଚକରେ ମାଟି ପାତ୍ର ଗଢୁଛନ୍ତି।

ମହତୀପୁର ପଞ୍ଚାୟତ ଅଧୀନ ବଟେଶ୍ୱର କୁମ୍ଭାରସାହି ମାଟିପାତ୍ରର ସ୍ୱତନ୍ତ୍ର ଚାହିଦା ରହିଛି । ୩୦ କି ୪୦ବର୍ଷ ପୂର୍ବେ ୨୫ରୁ ଊର୍ଦ୍ଧ୍ୱ ପରିବାର ମାଟି ତିଆରି ହାଣ୍ଡି, ସୁରେଇ, କଳସୀ, ସରା ଆଦି ବିକି ଦୈନିକ ଗୁଜୁରାଣ ମେଣ୍ଟାଉଥିଲେ। ହେଲେ ଧୀରେ ଧୀରେ ପ୍ଲାଷ୍ଟିକ ଜିନିଷ ଉଦ୍ଭାବନ ହେବା ସହ ଆଧୁନିକ ଜ୍ଞାନକୌଶଳରେ ପ୍ରସ୍ତୁତ ସାମଗ୍ରୀ କମ୍‌ଦାମ୍‌ରେ ବଜାରରେ ବିଭିନ୍ନ ସରଞ୍ଜାମ ମିଳୁଛି । ଫଳରେ ମାଟିପାତ୍ର ଜିନିଷର ବ୍ୟବହାର କମିଯାଇଥିଲା। ପରିବାର ଚଳାଇବା କଷ୍ଟ ହେବାରୁ ଅନେକ ପରିବାର ବୃତ୍ତିକୁ ଛାଡିବାକୁ ବାଧ୍ୟ ହୋଇଥିଲେ। ଏବେ ଏମାନଙ୍କ ମଧ୍ୟରୁ ଉମ୍ବରୁଧର ବେହେରା, ଅନାମ ବେହେରା, ମହେନ୍ଦ୍ର ବେହେରା, ଗୋବିନ୍ଦ ବେହେରା, ଜଗବନ୍ଧୁ ବେହେରା ଆଜି ବି ପାରମ୍ପରିକ ବୃତ୍ତିକୁ ଜାବୁଡି ଧରିଛନ୍ତି ।

### ମହାମାରୀ ବେଳେ ବିକ୍ରିବଟା ନାହିଁ କି ସହାୟତା ନାହିଁ

ପରିଶ୍ରମ ଅନୁସାରେ ମୂଲ୍ୟ ମିଳୁ ନ ଥିଲେ ବି ପୂର୍ବପିଢିର ବୃତ୍ତିକୁ ଛାଡି ପାରୁ ନ ଥିବା ଭାଗବତ ବେହେରା କହିଛନ୍ତି । ଏମାନଙ୍କ ପାଇଁ ସରକାରୀ ପକ୍କା ଗୃହ ସ୍ୱପ୍ନ ହୋଇଯାଇଥିବା ବେଳେ ଗୋଟିଏ ନଳକୂପରେ ପାନୀୟଜଳ ସମସ୍ୟା ମେଣ୍ଟିପାରୁନାହିଁ । ପ୍ରତ୍ୟେକ ପରିବାରକୁ ନିର୍ମାଣ ଶ୍ରମିକକାର୍ଡ ଖଣ୍ଡେ ଖଣ୍ଡେ ମିଳିଥିଲେ ହେଁ ଏଯାବତ୍ ସାମାନ୍ୟତମ ସୁବିଧା ମିଳିପାରିନାହିଁ । ସାଧାରଣତଃ ଯେଉଁ ସ୍ଥାନ(କୁମ୍ଭାରଶାଳ)ରେ ମାଟିପାତ୍ର ପୋଡାଯାଇଥାଏ ସେହି ଘରଟି ଅଗ୍ନି ନିର୍ବାପକ ହେବା କଥା । ହେଲେ ଉପରୋକ୍ତ ପରିବାରଗୁଡିକ ବିପଜ୍ଜନକ ଭାବେ ଛପର ଘରେ ନିଆଁରେ ମାଟିପାତ୍ର ପୋଡୁଥିଲେ ବି ଘର ଖଣ୍ଡେ ତିଆରି ପାଇଁ ସରକାରୀ ସ୍ତରରେ କିଛି ପ୍ରକାର ସୁବିଧା ଦିଆଯାଇନାହିଁ। ଯେଉଁମାନେ ପଞ୍ଚାୟତକୁ ଦୌଡି ଧରାଧରି କରିପାରୁଛନ୍ତି କେବଳ ସେହିମାନଙ୍କୁ ସୁବିଧା ମିଳୁଛି ବୋଲି ଗ୍ରାମର ଗୋବିନ୍ଦ ବେହେରା ଅଭିଯୋଗ କରିଛନ୍ତି ।

## ମେଳା ଠାକୁର ସେବକଙ୍କ ବନ୍ଧୁମିଳନ


ବନ୍ଧୁମିଳନ ଉତ୍ସବରେ ମେଳା କମିଟିର କର୍ମକର୍ତ୍ତା ଓ ବ୍ଲକର ବିଭିନ୍ନ ରାଧାକୃଷ୍ଣ ମନ୍ଦିରର ପୂଜକ ଓ ସେବକ।

ଖଇରା, ୧୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକର ଐତିହାସିକ ପତିରାଜପୁର ମେଳାର ଆୟୋଜକ ପତିରାଜପୁର ମେଳା କମିଟି ଆନୁକୂଲ୍ୟରେ ଏକ ବନ୍ଧୁମିଳନ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୦ରୁ ଅଧିକ ଠାକୁର ସେବକ ଯୋଗଦେଇ ଭାବବିନିମୟ କରିଥିଲେ।

କମିଟି ସଭାପତି ପିତାମ୍ବର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସାଧାରଣ ସମ୍ପାଦକ ଭରତ ଚନ୍ଦ୍ର ରାଉତ ବିବରଣୀ ପାଠ କରିଥିଲେ। ଉପସଭାପତି ପ୍ରତାପ କୁମାର ପଣ୍ଡା, କୋଷାଧ୍ୟକ୍ଷ ଗୋଲକ ପ୍ରସାଦ ସାମଲ, ବରିଷ୍ଠ ସଭ୍ୟ ନବକିଶୋର କର, ସମ୍ପାଦକ ଗୌରାଙ୍ଗ ପାଣି, ରାମଚନ୍ଦ୍ର ପଣ୍ଡା, ଭୀଷ୍ମଚରଣ ନାୟକ, କ୍ଷେତ୍ରମୋହନ ଖଟୁଆ, ନାରାୟଣ ପାତ୍ର ପ୍ରମୁଖ ଯୋଗଦେଇ ଗତ କିଛିବର୍ଷ ଧରି ମେଳା ପଡ଼ିଆର ସୌନ୍ଦର୍ଯ୍ୟକରଣ ବୃଦ୍ଧି ପାଇଥିବାରୁ ଏଥିପାଇଁ ସ୍ଥାନୀୟ ବିଧାୟକ ତଥା ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ମେଳା ଜମି ବିବାଦକୁ ସମାଧାନ ପାଇଁ ସମସ୍ତେ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଖୁବ୍‌ଶୀଘ୍ର ମେଳା ସଂଲଗ୍ନ ଦିଘିପୋଖରୀର ସୌନ୍ଦର୍ଯ୍ୟକରଣ ସାଙ୍ଗକୁ ବୋଟିଂ ବ୍ୟବସ୍ଥା ତଥା କଲ୍ୟାଣମଣ୍ଡପ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଉଥିବା ସମ୍ପର୍କରେ ବନ୍ଧୁମିଳନ କାର୍ଯ୍ୟକ୍ରମର ସଂଯୋଜକ ରମେଶ ଚନ୍ଦ୍ର ଘଡ଼େଇ ସୂଚନା ଦେଇଥିଲେ। ପ୍ରଦୀପ ସାମଲ ମଞ୍ଚ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ମାନିଲେନି, ଭୋଜିଭାତରେ ମାତିଲେ

ଢେଙ୍କିକୋଟ,୧୧୧(ଡି.ଏନ୍.ଏ.): କରୋନା କଟକଣା ଯୋଗୁ କେନ୍ଦୁଝର ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳୀକୁ ବନ୍ଦ ରଖାଯାଇଛି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ପର୍ଯ୍ୟଟକ ନିରାଶରେ ଫେରୁଛନ୍ତି। ତେବେ ଶୁକ୍ରବାର ନୂଆ ବର୍ଷ ଉପଲକ୍ଷେ ସ୍ଥାନୀୟ ଅଞ୍ଚଳର ଲୋକେ ନିୟମ ନ ମାନି ଗୋଟିଏ ସ୍ଥାନରେ ଏକାଧିକ ସଂଖ୍ୟାରେ ଏକଜୁଟ୍ ହୋଇ ଭୋଜିଭାତରେ ମାତିଥିବା ଦେଖିବାକୁ ମିଳିଥିଲା। ଜିଲାରେ ଥିବା ହାଣ୍ଡିଭଙ୍ଗା, ସାନଘାଗରା, ଗୁଣ୍ଡିଚାଘାଗି,ଭୀମକୁଣ୍ଡ ଜଳପ୍ରପାତ ସମେତ ଦର୍ଶନୀୟ ଦେବୀପୀଠ ଘଟଗାଁ ମା' ତାରିଣୀ, ସୀତାବିଞ୍ଜି ସୀତାଠାକୁରାଣୀ, ଶୈବପୀଠ ନୀଳକଣ୍ଠେଶ୍ୱର, ବଳଦେବଜୀଉ ମନ୍ଦିର ଆଦିକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନ ବନ୍ଦ କରି ଦେଇଛି। ଫଳରେ ଜିଲାର ଗ୍ରାମାଞ୍ଚଳର ଲୋକେ ବିଭିନ୍ନ ବଣ ପାହାଡ଼ ଆଦି ସ୍ଥାନରେ ଭୋଜିଭାତ କରି ନୂତନ ବର୍ଷର ମଜା ଉଠାଇ ଥିଲେ। ଏହି ଅବସରରେ କାଣିଝରି ଡ୍ୟାମ୍ ତଳେ ଓ ବେଲପାହାଡି ହୁଡ଼ିରେ ମାତ୍ରାଧିକ ଲୋକ ଭିଡ଼ ଜମାଇ ଭୋଜିଭାତ ଆସରରେ ମାତିଥିଲେ।

### ନବବର୍ଷ ବନ୍ଧୁମିଳନ

ଭଣ୍ଡାରିପୋଖରୀ,୧୧୧(ଡି.ଏନ.ଏ)-ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ବାରିକପୁରସ୍ଥିତ ଉତ୍କଳମଣି ସାହିତ୍ୟ ସଂସଦ ଆନୁକୂଲ୍ୟରେ ଶୁକ୍ରବାର ନବବର୍ଷ ବନ୍ଧୁମିଳନ ଓ ସାମାଜିକ କର୍ମୀ ଗଙ୍ଗାଧର ଦାସ ସ୍ମୃତି ସମାରୋହ ପ୍ରଫୁଲ୍ଲ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ଭାସ୍କର ଚନ୍ଦ୍ର ଦାସ, ପ୍ରଭାକର ମହାପାତ୍ର, କରୁଣାକର ମହାପାତ୍ର, ବୃନ୍ଦାବନ ରାଉଳ, ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ପ୍ରଧାନ ଶିକ୍ଷକ ମନୋଜ କୁମାର ଜେନା, ଉଷାରାଣୀ ଦାସ, ଘନଶ୍ୟାମ ସ୍ୱାଇଁ ପ୍ରମୁଖ ଯୋଗଦେଇ ନବବର୍ଷ ସମସ୍ତଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେବ ବୋଲି ଆଶାବ୍ୟକ୍ତ କରିଥିଲେ। ଏଥିସହ ସ୍ୱର୍ଗତ ଦାସଙ୍କ ଜୀବନଚର୍ଯ୍ୟା ସମ୍ପର୍କରେ କହିଥିଲେ। ସଂସଦ ସମ୍ପାଦକ ପୁରୁଷୋତ୍ତମ ଧଳ ଉଦ୍ଦେଶ୍ୟ ଜ୍ଞାପନ ଓ ଆଲୋକ ରଞ୍ଜନ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶ୍ରୀକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।

### ପୁରାତନ ଛାତ୍ର ସଂସଦର ବନ୍ଧୁମିଳନ

ଖଇରା, ୧୧୧(ଡି.ଏନ.ଏ.)-ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗରସଙ୍ଗସ୍ଥିତ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦର ବନ୍ଧୁ ମିଳନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଶିବପ୍ରସାଦ ବଳ ଅଧକ୍ଷତା କରିଥିଲେ । ପ୍ରଥମେ ଦିବଂଗତ କର୍ମଚାରୀ ଗଜେନ୍ଦ୍ର ଦାସ ଓ ପୁରାତନ ଛାତ୍ର ସତ୍ୟଜିତ ବାରିକଙ୍କ ଅମର ଆତ୍ମାର ସଦ୍‌ଗତି ନିମିତ୍ତ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଶିକ୍ଷାବିତ୍ କୃଷ୍ଣଚନ୍ଦ୍ର ଖିଲାର ମୁଖ୍ୟଅତିଥି, ବଂଶୀଧର ମହୁରୀ ମୁଖ୍ୟବକ୍ତା, ଅକ୍ଷୟ କୁମାର ଖିଲାର ଓ ସମସ୍ତ ଶିକ୍ଷୟତ୍ରୀଶିକ୍ଷକ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ପୁରାତନ ଛାତ୍ରୀ ସରସ୍ୱତୀ ବଳ, ଲୋପାମୁଦ୍ରା ଜେନା, ଛାତ୍ର କୁଳମଣି ଖିଲାର, ଲମ୍ବୋଦର ପଣ୍ଡା, ମଦନମୋହନ ମହାପାତ୍ର, ପବିତ୍ର ମୋହନ ଖିଲାର, ବଟକୃଷ୍ଣ ବହଳୀ, ଭଗବାନ ସାହୁ, ସୁଶାନ୍ତ ଉପାଧ୍ୟାୟ, ପବିତ୍ର ସାହୁ, ଆଶିଷ ମହାନ୍ତି ପ୍ରମୁଖ ଯୋଗଦେଇ ଭାବବିନିମୟ କରିଥିଲେ। ବିଦ୍ୟାଳୟର ଉନ୍ନୟନ କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା । ସଂସଦ ତରଫରୁ ସମସ୍ତ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାକ୍ତନ ଛାତ୍ର ଶ୍ରୀନିବାସ ମହାନ୍ତି ସମସ୍ତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ସରିଲା ତ୍ୟାଗଭୂମି ମହୋତ୍ସବ


ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଭଦ୍ରକ ଅଫିସ, ୧୧୧

ପୁରାଣ, ଇତିହାସ ଓ ଲୋକସାହିତ୍ୟର ସମୃଦ୍ଧ ପରମ୍ପରା ଆମ ଭାଷା ଓ ସାହିତ୍ୟକୁ ଶାସ୍ତ୍ରୀୟ ମର୍ଯ୍ୟାଦା ପ୍ରଦାନ କରିଛି ବୋଲି ଭଦ୍ରକ ଟାଉନ ହଲ୍‌ରେ ତ୍ୟାଗଭୂମି ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଉଦ୍ଦେଶ୍ୟରେ ମଞ୍ଚ ଉତ୍ସର୍ଗ ହୋଇଥିଲା। 'ଆଧୁନିକ ସାହିତ୍ୟରେ ଶାସ୍ତ୍ରୀୟ ଚେତନା' ଶୀର୍ଷକ ଆଲୋଚନାଚକ୍ରରେ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀ ପୌରୋହିତ୍ୟ କରିଥିଲେ। ଅବସରପ୍ରାପ୍ତ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ କଥାକାର ବିଜୟ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶାସ୍ତ୍ରୀୟତା ହିଁ ସାହିତ୍ୟକୁ କାଳଜୟୀ କରେ ଏବଂ ଆଧୁନିକ କବି ଓ ଲେଖକମାନେ ଶାସ୍ତ୍ରୀୟତାର ମାନରକ୍ଷା ପୂର୍ବକ ଲେଖନୀ ଚାଳନା କରିବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ରେଭେନ୍ସା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ନେତାଜୀ ଅଭିନନ୍ଦନ ଯୋଗଦେଇ କହିଥିଲେ ଯେ, ଭଦ୍ରକର ମାଟି ହେଉଛି ଶାସ୍ତ୍ରୀୟତାର ମାଟି। ଭଦ୍ରକାଳୀ ପୀଠରୁ ସର୍ବପ୍ରଥମେ ଓଡ଼ିଆ ଲିପିର ସନ୍ଧାନ ମିଳିଥିଲା ଓ ଏ ମାଟିର କବି କାଳଜୟୀ ରଚନାବଳୀ ଉପରେ ପ୍ରାଧାନ୍ୟ ଦେଇ ଆସିଛନ୍ତି। ଏହି ଅବସରରେ ସାଂସ୍କୃତିକ ସମ୍ମେଳନ ପକ୍ଷରୁ ପ୍ରକାଶ ପାଇଥିବା ତ୍ୟାଗଭୂମିର କବି ଓ କାବ୍ୟଦିଗନ୍ତ ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ପତ୍ରିକା ସମ୍ପାଦକ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ ସମୀକ୍ଷା କରିଥିଲେ। ଅଧ୍ୟାପକ ନାସିର ବକ୍ସ ଅତିଥି ପରିଚୟ ଓ ଅନ୍ୟତମ ସମ୍ପାଦକ ଡ. ଅଭୟ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ତ୍ୟାଗଭୂମି ସଭାପତି ଅଜୟ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ହୋର୍ଡ଼ିଂରେ ଫଟୋକୁ ନେଇ ପ୍ରତିବାଦ

ଖଇରା, ୧୧୧(ଡି.ଏନ.ଏ.)

ଏକ ରାଜନୈତିକ ଦଳର କେତେଜଣ ଲୋକ ଚକ୍ରାନ୍ତ କରି ଅଭିନନ୍ଦନ ହୋର୍ଡ଼ିଂରେ ଫଟୋ ଲଗାଇବାକୁ ନେଇ ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ବିଜେଡି ସଭାପତି କାହ୍ନୁଚରଣ ସାହୁ ପ୍ରତିବାଦ ଜଣାଇଛନ୍ତି। ଏ ସମ୍ପର୍କରେ ସେ ଖଇରା ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଉକ୍ତ ପଞ୍ଚାୟତର ଏକ ଗୋଷ୍ଠୀ ତାଙ୍କୁ ବଦନାମ କରିବାକୁ ଅଭିନନ୍ଦନ ହୋର୍ଡ଼ିଂରେ ତାଙ୍କ ଫଟୋକୁ ସଂଯୁକ୍ତ କରାଯାଇ ପଞ୍ଚାୟତର ବୁଢ଼ାଗଡ଼ିଆ ଛକରେ, ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ, ସରସତୀଆ ଠାକୁରାଣୀ ମନ୍ଦିର ନିକଟରେ, ସମସରପୁର ଓ ବଳଭଦ୍ରପୁର ଛକରେ, ଔପଦା ବଜାରରେ ଲଗାଇଛନ୍ତି। ଯାହା ତାଙ୍କ ସମ୍ମାନ ଓ ସ୍ୱାଭିମାନରେ ଆଞ୍ଚ ଆଣିଛି। ଏହି ପୋଷ୍ଟର ତଳେ ସୌଜନ୍ୟ ଆଦିକନ୍ଦ ଭୂୟାଁ ନାମ ଉଲ୍ଲେଖ ରହିଛି। ତୁରନ୍ତ ଏଭଳି କାର୍ଯ୍ୟରେ ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି।

## ୭ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଇଏସ୍‌ଓ ସାର୍ଟିଫିକେଟ୍

କେନ୍ଦୁଝର,୧୧୧(ଡି.ଏନ.ଏ.)

କେନ୍ଦୁଝର ଜିଲାର ୭ ସ୍ୱାସ୍ଥ୍ୟକେନ୍ଦ୍ରକୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆଇଏସ୍‌ଓ ସାର୍ଟିଫିକେଟ ମିଳିଥିବା ଜିଲା ପ୍ରଶାସନ ପକ୍ଷରୁ ଟିଟ୍ କରି ସୂଚନା ଦିଆଯାଇଛି। ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୧ଟି କ୍ଷେତ୍ରରେ ଭଲ କାମ ପାଇଁ ଏହି ସାର୍ଟିଫିକେଟ ମିଳିଛି। ସେହିପରି ହରିଚନ୍ଦନପୁର ବ୍ଲକର ଜଘିରା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୧ଟି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ, ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୪ଟି କାର୍ଯ୍ୟ, ଏହି ବ୍ଲକର ବକ୍ସିବାରିଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୧ଟି ଉଲ୍ଲେଖନୀୟ କାର୍ଯ୍ୟ ଲାଗି ସାର୍ଟିଫିକେଟ ପ୍ରଦାନ କରାଯାଇଛି। ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୧୧ଟି କ୍ଷେତ୍ରରେ ସେବା ଓ ପାଟଣା ବ୍ଲକ ଡୁମୁରିଆର ଏରିଆ ହସ୍ପିଟାଲକୁ ୧୧ଟି କାମ ପାଇଁ ଆଇଏସ୍‌ଓ ସାର୍ଟିଫିକେଟ ପ୍ରଦାନ କରାଯାଇ ଛି। ଏହି ସାର୍ଟିଫିକେଟଗୁଡ଼ିକର ବୈଧତା ୨୦୨୩ ଡିସେମ୍ବର ୨୯ ପର୍ଯ୍ୟନ୍ତ ରହିବ ବୋଲି ଦର୍ଶାଯାଇଛି।

## ବିଧାୟକଙ୍କ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧନା


ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା।

ବୈଶିଙ୍ଗା,୧୧୧(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ବଡ଼ସାହି ବିଧାୟକ ସନାତନ ବିଜୁଳି ବେତନଟୀ ବ୍ଲକ ନିମନ୍ତେ ତାଙ୍କ ପ୍ରତିନିଧି ଭାବେ ବରିଷ୍ଠ କର୍ମକର୍ତ୍ତା ତଥା ବୈଶିଙ୍ଗା ମଣ୍ଡଳ ଭାଜପା ସଭାପତି ରତିକାନ୍ତ ମହାନ୍ତଙ୍କୁ ନିଯୁକ୍ତି ଦେଇଛନ୍ତି। ଏନେଇ ଭାଜପା କର୍ମୀଙ୍କ ମହଲରେ ଆନନ୍ଦ ପ୍ରକାଶ ପାଇଛି। ବେତନଟୀ ବ୍ଲକ ଭାଜପାର ସମସ୍ତ କାର୍ଯ୍ୟକର୍ତ୍ତା ନବ ନିଯୁକ୍ତ ବିଧାୟକଙ୍କ ପ୍ରତିନିଧି ମହାନ୍ତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହ ବିଧାୟକଙ୍କୁ ମଧ୍ୟ ଧନ୍ୟବାଦ ଅର୍ପଣ କରିଛନ୍ତି। ବେତନଟୀ ବ୍ଲକ ଅଧ୍ୟକ୍ଷ କାଳିଚରଣ ସୋରେନ, କେନ୍ଦ୍ରମନ୍ତ୍ରୀଙ୍କ ପ୍ରତିନିଧି ପ୍ରଦୀପ କୁମାର ପରିଡ଼ା, ୩୭ନଂ ଜୋନ ଜିଲା ପରିଷଦ ସଭ୍ୟ ବ୍ରଜମୋହନ ବେହେରା, ୩୫ ନଂ ଜୋନ ବେତନଟୀ ମଣ୍ଡଳ ସଭାପତି ରାଜକିଶୋର ଶାହାଙ୍କ ଉପସ୍ଥିତିରେ ମହାନ୍ତଙ୍କ ନୂତନ ନିଯୁକ୍ତି ସମ୍ପର୍କୀତ ବିଧାୟକଙ୍କ ଚିଠି ବେତନଟୀ ବିଡିଓଙ୍କୁ ପ୍ରଦାନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଏହି ପଦବୀ ଲାଗି ଦୀର୍ଘଦିନ ହେଲା କଳ୍ପନା ଜଳ୍ପନା ଲାଗି ରହିଥିଲା।

# ବହୁଭାଷୀ ଶିକ୍ଷାକୁ ନେଇ ଗବେଷଣା

ବାରିପଦା ଅଫିସ,୧୧୧

ମାତୃଭାଷାଭିତ୍ତିକ ବହୁଭାଷୀ ଶିକ୍ଷାର ସଫଳତା ଓ ପ୍ରଭାବ ସମ୍ପର୍କରେ ମୟୂରଭଞ୍ଜ ଜିଲାର ଶାମାଖୁଣ୍ଟା ଓ ଯଶିପୁର ବ୍ଲକରେ ଏକମାସ ଧରି ଅନୁସନ୍ଧାନମୂଳକ ଗବେଷଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷା ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ ଏବଂ ଭୁବନେଶ୍ୱରର ସ୍ୱର୍ଡର ମିଳିତ ଆନୁକୂଲ୍ୟରେ ଦୁଇଟି ବ୍ଲକର ମୋଟ ୨୫ଟି ପ୍ରାଥମିକ ବିଦ୍ୟାଳୟରେ ଏହା ଅନୁଷ୍ଠିତ ହୋଇଥିଲା । ଏହି ସ୍କୁଲରେ ଥିବା ମୁଣ୍ଡାରୀ, ହୋ ଏବଂ ସାନ୍ତାଳୀ ଭାଷାର ଛାତ୍ରୀଛାତ୍ରଙ୍କ ପାଇଁ ମାତୃଭାଷାଭିତ୍ତିକ ବହୁଭାଷୀ ଶିକ୍ଷାକୁ ଅଧିକ କ୍ରିୟାଶୀଳ କରାଇବା ତଥା ଓଡ଼ିଆ ଭାଷା ଓ ଅନ୍ୟ ମୁଖ୍ୟ ବିଷୟବସ୍ତୁରେ ଦକ୍ଷତା ବଢ଼ାଇବାରେ ଏହି କାର୍ଯ୍ୟକ୍ରମ ସହାୟକ ହୋଇପାରିବ ବୋଲି କୁହାଯାଇଛି। କାର୍ଯ୍ୟକ୍ରମକୁ ସ୍ୱର୍ଡର ସମ୍ପାଦକ ସୌଭାଗ୍ୟ ରଞ୍ଜନ ଭୂୟାଁ ଓ ପ୍ରୋଗ୍ରାମ ମ୍ୟାନେଜର ତ୍ରିନାଥ ଗୁରୁ ସମ୍ପାଦନା କରିଥିବା ବେଳେ ଜିଲା ପ୍ରକଳ୍ପ ସଂଯୋଜକ ପ୍ରଦୋଷ କୁମାର ନାୟକ ଓ ଅଧିବାସୀ ଶିକ୍ଷା ସଂଯୋଜକ ସପନ କୁମାର ପୃଷ୍ଟି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ପ୍ରତି ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଭାଷା ଓ ଗଣିତରେ ଥିବା ଦକ୍ଷତା ଆକଳନ କରାଯାଇଥିଲା। ବିଦ୍ୟାଳୟର ଭାଷା ଶିକ୍ଷକ, ପ୍ରଧାନ ଶିକ୍ଷକ, ପରିଚାଳନା କମିଟିର ସଦସ୍ୟ, ବିଇଓ, ସିଆର୍‌ସିସି, ବିଆର୍‌ସିସିମାନେ ଉପସ୍ଥିତ ଥିଲେ।

## ନୂଆବର୍ଷକୁ ସ୍ୱାଗତ

ବାଲେଶ୍ୱର ଅଫିସ,୧୧୧

ବାଲେଶ୍ୱର ମିଶନ ପଡ଼ିଆ ପରିସରରେ ହସ ପରିବାର ପକ୍ଷରୁ ଶୁକ୍ରବାର ନବବର୍ଷକୁ ସ୍ୱାଗତ ଜଣାଇ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ମୁଖ୍ୟ ଗୋପାଳ ଜେନା, ଡ. ଅରବିନ୍ଦ ଗିରି ଅନୀଲ ପଟ୍ଟନାୟକ ଏହି ଅବସରରେ ଏକ ଛେନାପୋଡ଼ କାଟି ନୂତନ ବର୍ଷକୁ ସ୍ୱାଗତ କରିବା ସହ ସମସ୍ତଙ୍କୁ ଖୁଆଇଥିଲେ। ଏହି ଅବସରରେ କାଳିକଙ୍କର ଦାସ ଏକ ସୁନ୍ଦର ବ୍ୟଙ୍ଗକବିତା ପାଠ କରିଥିଲେ।

# ବଡ଼ପାଟଣା ପଞ୍ଚାୟତରେ ଠାକୁରାଣୀ ଓଷା

ପାଟଣା,୧୧୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମ ନାଏକ ସାହିସ୍ଥିତ ସୁନାମୁଖୀ ଠାକୁରାଣୀଙ୍କ ପୀଠରେ ଶୁକ୍ରବାର କୋଭିଡ୍ କଟକଣା ମଧ୍ୟରେ ବାର୍ଷିକ ଠାକୁରାଣୀ ଓଷା ପାଳିତ ହୋଇଯାଇଛି । ଦେହୁରୀ ରାମ ନାଏକ ନୀତିକାନ୍ତି ସହ ପୂଜା ପାଠ କରିଥିବା ବେଳେ ରାଜନ ବାରିକ ଗାହାଣି ଭାବେ ଠାକୁରାଣୀ ଗୀତ ବୋଲିଥିଲେ । ପରେ ମାନସିକଧାରୀ କାଳିସୀମାନେ କଣ୍ଟା କଠଉ ପିନ୍ଧି ଚାଲିବା, କଣ୍ଟା ପିଢ଼ାରେ ବସିବା, ଚାବୁକ୍ ପ୍ରହାର ଖାଇବା ସହ ରଡ଼ ନିଆଁରେ ମଧ୍ୟ ଚାଲିଥିଲେ । କାଳୀସି ଭାବେ କ୍ଷେତ୍ରବାସୀ ନାଏକ, କୁଲ୍ଲୁଧର ନାଏକ, ଦିନବନ୍ଧୁ ନାଏକ, ଗୌରହରି ନାଏକ, କନ୍ଦର୍ପ ନାଏକ, ଫକୀର ଚରଣ ନାଏକ, ଅଗ୍ନି କୁଁଆରୀ ଭାବେ ବିଚିନ୍ଦ୍ର ନାଏକ, ତ୍ରିନାଥ ନାଏକ, ଠୁଙ୍ଗୁରୁ ନାଏକ, ପ୍ରଶାନ୍ତ ନାଏକ, ଦେଶୁଆ ନାଏକ, ଝୁଗୁଡୁ ନାଏକ, ଟିରା ନାଏକ ଓ ପିନୁ ନାଏକ ପ୍ରମୁଖ ଅଲୌକିକ କୌଶଳ ପ୍ରଦର୍ଶନ କରିଥିଲେ।

ସେହିପରି କାମେଶ୍ୱରପୁର ବାଁସଡ଼ିହା ସାହିରେ ମଧ ଏହି ଓଷା ପାଳିତ ହୋଇଥିଲା । ଦେହୁରୀ ଭାବେ ଭଗବାନ ନାଏକ ଠାକୁରାଣୀ ପୂଜା କରିଥିଲେ । ଗ୍ରାମର ଡ଼ମା ନାଏକ, ଚଇତୁ ନାଏକ, କୃଷ୍ଣ ନାଏକ, ସାଲୁ ନାଏକ, ରାକେଶ ନାଏକ, ବାଙ୍କା ନାଏକ, ମଧୁ ନାଏକ ଓ ଗୁରୁ ନାଏକ ଏଥିରେ ସାମିଲ ହୋଇଥିଲେ ।


କାଳିସି ଚାବୁକ୍ ପ୍ରହାର ଖାଉଛନ୍ତି।

# ସୋଲାର ସିଷ୍ଟମ ନଳକୂପ ଅଚଳ

ଝୁମ୍ପୁରା, ୧୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ ଅନ୍ତର୍ଗତ ପାହାଡ଼ିଆ ଅଞ୍ଚଳରେ ବିକଳ୍ପ ବ୍ୟବସ୍ଥା ନ ଥିବାରୁ ଗଭୀର ନଳକୂପ କରି ସୋଲାର ସିଷ୍ଟମ ଜରିଆରେ ପାଣି ଉଠାଯାଇ ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। କିନ୍ତୁ ସୋଲାର ସିଷ୍ଟମ ଅଚଳ ହେବାରୁ ଲୋକେ ପାଣି ପାଉନାହାନ୍ତି। ୨ବର୍ଷ ହେଲା ଏହି ଯୋଜନା ମାଧ୍ୟମରେ ଝୁମ୍ପୁରା ବ୍ଲକର ପାହାଡିଆ ଅଞ୍ଚଳ ମଲଦା, ନୟାଗଡ, ବସନ୍ତପୁର, କୁଟୁଗାଁ, ନିଶ୍ଚିନ୍ତପୁର ପଞ୍ଚାୟତର ବହୁ ଗ୍ରାମକୁ ପାନୀୟ ଜଳ ଯୋଗାଇ ଦେବାପାଇଁ ସୋଲାର ସିଷ୍ଟମ ନଳକୂପ ଯୋଜନା ଅନ୍ତର୍ଭୁକ୍ତ କରାଯାଇଛି। ସୂଚନା ଅନୁଯାୟୀ ଏହି ସବୁ ଅଞ୍ଚଳରେ ୨୦୦ରୁ ଊର୍ଦ୍ଧ୍ୱ ଗଭୀର ନଳକୂପ କରାଯାଇ ସୋଲାର ସିଷ୍ଟମ କରାଯାଇଛି। ପ୍ରତି ସୋଲାର ସିଷ୍ଟମ ନଳକୂପ ପାଇଁ ଜିଲା ଖଣିଜ ପାଣ୍ଠିରୁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଇଛି ।

ଭୁବନେଶ୍ୱରସ୍ଥିତ ଏକ କମ୍ପାନୀ ଟେଣ୍ଡର ଜରିଆରେ ସୋଲାର ସିଷ୍ଟମ ନଳକୂପ କାମ କରିଥିବା ବେଳେ ୨ବର୍ଷ ତଳର ଯୋଜନା ଏବେ ମଧ୍ୟ ମଲଦା ପଞ୍ଚାୟତରେ ଅଧାପନ୍ତରିଆ ହୋଇ ପଡିରହିଥିବା ଅଭିଯୋଗ ହୋଇଛି। ଉକ୍ତ ସୋଲାର ସିଷ୍ଟମ ଖରାପ ହେଲେ କେହି ଶୁଣିବାକୁ ନାହାନ୍ତି ବୋଲି ଗାଁ ଲୋକେ କହିଛନ୍ତି। ୫/୬ଟି ସୋଲାର ସିଷ୍ଟମ ଖରାପ ନ ହେଲା ପର୍ଯ୍ୟନ୍ତ କମ୍ପାନୀ ଲୋକ ସଜାଡିବା ପାଇଁ ଆସନ୍ତି ନାହିଁ ବୋଲି କହିଛନ୍ତି। ପାହାଡ ମୁଲକର ଲୋକେ ବାଧ୍ୟ ହୋଇ ପୁଣି ସେହି ଚୁଆପାଣିକୁ ବ୍ୟବହାର କରନ୍ତି। ସେହିପରି କୁଟୁଗାଁ ପଞ୍ଚାୟତର ବ୍ରାହ୍ମଣୀଝରୀ ଗାଁରେ ୧ମାସ ହେଲା ୨ଟି ସୋଲାର ସିଷ୍ଟମ ନଳକୂପ ଖରାପ ହୋଇଥିବା ଯୋଗୁ ଗ୍ରାମବାସୀ ପାନୀୟଜଳ ପାଇଁ ହଇରାଣ ହେଉଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ଶୁଭସ୍ମିତା ଖମାରୀ କହିଛନ୍ତି ଯେ, ମୁଁ ଜିଲା ବିଭାଗୀୟ କାର୍ଯ୍ୟାଳୟକୁ ଜଣାଇ ଦେଇଛି। ତେବେ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗର କେନ୍ଦୁଝରସ୍ଥିତ ନିର୍ବାହୀ ଯନ୍ତ୍ରୀ ଦୟାନିଧି ସାହୁଙ୍କୁ ପଚାରିବାରୁ ଅଭିଯୋଗ ସମ୍ପର୍କରେ ସମ୍ପୃକ୍ତ କମ୍ପାନୀର ଟେକ୍ନିକାଲ ଲୋକଙ୍କୁ ଜଣାଇଦିଆ ଯାଇଛି। ଖରାପ ଥିବା ସୋଲାର ସିଷ୍ଟମ ନଳକୂପଗୁଡିକର ତୁରନ୍ତ ମରାମତି କରାଯିବ।


ଅଚଳ ହୋଇପଡ଼ିଥିବା ସୋଲାର ସିଷ୍ଟମ।

